ସମୟ
୦୯ ଅଗଷ୍ଟ ୨୦୨୬ ରବିବାର



# ଜୈବ ଆଶ୍ଚର୍ଯ୍ୟ






ଭାରତର ଜୈବବିବିଧତା ସବୁବେଳେ ସାରା ବିଶ୍ୱକୁ ଆଶ୍ଚର୍ଯ୍ୟ କରିଥାଏ । ଏଠାରେ ପ୍ରତିଟି ସମୟରେ ଏଭଳି କିଛି ପ୍ରଜାତିଙ୍କର ଆବିଷ୍କାର ହୋଇଥାଏ ଯାହା ବିଶ୍ୱରେ ଦୁର୍ଲଭ ହୋଇଥାଏ । ସେଥିପାଇଁ ସବୁବେଳେ ଭାରତୀୟ ଜୈବବିବିଧତାକୁ ନେଇ ସାରା ବିଶ୍ୱରେ ଆଲୋଚନା ଜାରି ରହିଥାଏ ।

୨୦୨୫ ମସିହାରେ ଭାରତର ଜୈବବିବିଧତା ଏକ ନୂଆ ରେକର୍ଡ କରିଛି, ଯାହା ସାରା ଦେଶପାଇଁ ଗର୍ବ ଆଣିଛି । ସୂଚନା ଅନୁସାରେ ୨୦୨୫ରେ ଭାରତର ଜଙ୍ଗଲରେ ୭୦୯ଟି ନୂଆ ପ୍ରଜାତିର ଜୀବ ମିଳିଛନ୍ତି, ଯେଉଁଥିରୁ କିଛି ପ୍ରଜାତି ବିଜ୍ଞାନ ପାଇଁ ମଧ୍ୟ ନୂଆ । ହିମାଳୟରେ ମିଳିଥିବା ଏକ ବାଦୁଡ଼ିଠାରୁ ଆରମ୍ଭ କରି ଗ୍ରେଟ୍ ନିକୋବର ଦ୍ୱୀପର ଏକ ସାପ ଏବଂ ଅରୁଣାଚଳ ପ୍ରଦେଶର ଦୁଇଟି ରଙ୍ଗବେରଙ୍ଗର ଏଣ୍ଡୁଅ ପ୍ରଜାତି ପର୍ଯ୍ୟନ୍ତ, ଭାରତର ବିଜ୍ଞାନୀମାନେ ଦେଶର ସର୍ବାଧିକ ବାର୍ଷିକ ପ୍ରାଣୀ ଆବିଷ୍କାରର ରେକର୍ଡ ସୃଷ୍ଟି କରିଛନ୍ତି । ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଅନୁଯାୟୀ, ୨୦୨୫ ମସିହାରେ ଭାରତର ତାଲିକାରେ ୭୦୯ଟି ନୂତନ ପ୍ରାଣୀ ପ୍ରଜାତି ଯୋଡ଼ି ହୋଇଛନ୍ତି । ଯାହା ୨୦୨୪ର ୬୮୩ଟି ପ୍ରଜାତିର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି । ଏହି ୭୦୯ଟି ମଧ୍ୟରୁ ୪୮୩ଟି ପ୍ରଜାତି ବିଜ୍ଞାନ ପାଇଁ ସମ୍ପୂର୍ଣ୍ଣ ନୂଆ ହୋଇଥିବା ବେଳେ, ଅନ୍ୟ ୨୨୬ଟି ପ୍ରଜାତି ଭାରତରେ ପ୍ରଥମ ଥର ପାଇଁ ଲିପିବଦ୍ଧ ହୋଇଛନ୍ତି ।

ବିଶ୍ୱବ୍ୟାପୀ ଜୈବବିବିଧତା ଉପରେ ଚାପ ବୃଦ୍ଧି ପାଉଥିବା ସମୟରେ, ଏହି ଆବିଷ୍କାର ଏକ ଚମତ୍କାର ବୋଲି ମତ ପ୍ରକାଶ ପାଇଛି । ସେହିଭଳି ଏହି ଆବିଷ୍କାର ଏହା ମଧ୍ୟ ସିଦ୍ଧ କରୁଛି କି ପ୍ରକୃତି କୋଳରେ ଆଜି ବି ଅନେକ ରହସ୍ୟ ଲୁଚି ରହିଛି, ଯାହା ଉନ୍ମୋଚିତ ହେବା ବାକି ଅଛି । ଏହି ଆବିଷ୍କାର ପରେ ଭାରତର ଲିପିବଦ୍ଧ ପ୍ରାଣୀ ବିବିଧତା ୧,୦୫,୯୫୩ଟି ପ୍ରଜାତି ଏବଂ ଉପ-ପ୍ରଜାତିରେ ପହଞ୍ଚିଛି, ଯାହା ବିଶ୍ୱର ମୋଟ ଲିପିବଦ୍ଧ ପ୍ରାଣୀ ବିବିଧତାର ପ୍ରାୟ ୫.୩ ପ୍ରତିଶତ । ଏହାସହ ଭାରତ ବିଶ୍ୱର ୧୭ଟି 'ମେଗା-ଡାଇଭର୍ସ' (ଅତ୍ୟାଧିକ ଜୈବବିବିଧତାପୂର୍ଣ୍ଣ) ଦେଶ ମଧ୍ୟରେ ନିଜର ସ୍ଥାନ ବଜାୟ ରଖିଛି ।

## ନୂତନ ପ୍ରଜାତି

ଏହି ଗୁରୁତ୍ୱପୂର୍ଣ୍ଣ ଆବିଷ୍କାରଗୁଡ଼ିକ ମଧ୍ୟରେ ଉତ୍ତରାଖଣ୍ଡରେ ଚିହ୍ନଟ ହୋଇଥିବା ହିମାଳୟର ଲମ୍ବା ଲାଞ୍ଜ ଥିବା ବାଦୁଡ଼ି ଅନ୍ୟତମ ।













ଏହି ଜୀବର ଆଖି ଚାରିପାଖରେ ଚର୍ମର ଏକ ଖାଲି ଅଂଶ (ଲୋମହୀନ) ରହିଛି ଏବଂ ଏହାର ଲାଞ୍ଜର ଲମ୍ବ ପ୍ରାୟ ଏହାର ଶରୀରର ଲମ୍ବ ସହିତ ସମାନ। ଏହାବ୍ୟତୀତ, ବୈଜ୍ଞାନିକମାନେ ଗ୍ରେଟ୍ ନିକୋବର ଦ୍ୱୀପରେ ଇରୱିନ୍ସ ୱୁଲ୍ଫ ସ୍ନେକ୍ ନାମକ ଏକ ବିଷହୀନ ସାପ ପ୍ରଜାତି ଚିହ୍ନଟ କରିଛନ୍ତି, ଯାହାକୁ ଦ୍ୱଗଂତ ସଂରକ୍ଷଣବିତ୍ ଷ୍ଟିଭ୍ ଇରୱିନ୍‌ଙ୍କ ସମ୍ମାନାର୍ଥେ ନାମିତ କରାଯାଇଛି । ସେହିପରି ଅରୁଣାଚଳ ପ୍ରଦେଶରୁ ଦୁଇଟି ନୂଆ ସବୁଜ ରଙ୍ଗର ଫ୍ୟାନ୍-ଥ୍ରୋଟେଡ୍ ଏଣ୍ଡୁଅ ଏବଂ 'ଟାଇକ୍ଲୋଲାଇମସ୍ ସିଆନଜେନ୍ସିସ୍' ଆବିଷ୍କୃତ ହୋଇଛନ୍ତି , ଏହି ସମସ୍ତ ପ୍ରଜାତି ଖୁବ ବିରଳ ।

## ଜୈବବିବିଧତାର ମୁଖ୍ୟ କେନ୍ଦ୍ରସ୍ଥଳ

୨୦୨୫ ମସିହାରେ କେରଳରେ ସର୍ବାଧିକ ସଂଖ୍ୟକ ନୂତନ ପ୍ରାଣୀ ଆବିଷ୍କାର କରାଯାଇଛି, ଯାହା ପଶ୍ଚିମଘାଟ ପର୍ବତମାଳାକୁ ଭାରତର ଅନ୍ୟତମ ସମୃଦ୍ଧ ଜୈବବିବିଧତା ହଟ୍‌ସ୍ପଟ୍ ଭାବେ ପୁନର୍ବାର ପ୍ରମାଣିତ କରିଛି । ଏହା ପଛକୁ ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ଅରୁଣାଚଳ ପ୍ରଦେଶ ରହିଛନ୍ତି । ଏହି ଅଞ୍ଚଳଗୁଡ଼ିକ ଦଶନ୍ଧି ଦଶନ୍ଧି ଧରି ଅନୁଧ୍ୟାନ କରାଯାଉଥିଲେ ବି, ବିଜ୍ଞାନ ପାଇଁ ଅଜଣା ଥିବା ନୂଆ ନୂଆ ପ୍ରଜାତିଗୁଡ଼ିକୁ ନିରନ୍ତର ସାମ୍ନାକୁ ଆସୁଛନ୍ତି । ଏହି ସନ୍ଧାନ ସୂଚାଉଛି ଯେ ଜୈବବିବିଧତା କ୍ରମାଗତ ଭାବେ ବିକଶିତ ହେଉଛି ଏବଂ ପ୍ରତିଟି ସମୟରେ କିଛି ନୂଆ ପ୍ରଜାତିକୁ ଜନ୍ମ ଦେଉଛି । ସେହିଭଳି ଏହି ସମସ୍ତ ଆବିଷ୍କାର ବର୍ତ୍ତମାନ ଜୈବ ବିବିଧତା ଉପରେ ପଡୁଥିବା ଚାପର ମୁକାବିଲା ପାଇଁ ମଧ୍ୟ ସହାୟକ ହୋଉଛନ୍ତି ।

## ଉଭିଦ ଜଗତର ସମାନ ସଫଳତା

କେବଳ ପ୍ରାଣୀ ନୁହେଁ ବଟାନିକାଲ ସର୍ଭେ ଅଫ୍ ଇଣ୍ଡିଆ ମଧ୍ୟ ୨୦୨୫ରେ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ରିପୋର୍ଟ କରିଛି । ବିଏସଆଇ ମୋଟ ୩୫୩ଟି ଉଭିଦ ପ୍ରଜାତି ଲିପିବଦ୍ଧ କରିଛି, ଯେଉଁଥିରେ ୨୨୧ଟି ବିଜ୍ଞାନ ପାଇଁ ସମ୍ପୂର୍ଣ୍ଣ ନୂତନ ପ୍ରଜାତି ଏବଂ ୧୩୨ଟି ଦେଶ ପାଇଁ ନୂତନ ରେକର୍ଡ ଅନ୍ତର୍ଭୁକ୍ତ । ଉଭିଦ ଆବିଷ୍କାର କ୍ଷେତ୍ରରେ ଅରୁଣାଚଳ ପ୍ରଦେଶ ଶୀର୍ଷରେ ଥିବା ବେଳେ ଏହା ପଛକୁ ଉତ୍ତରାଖଣ୍ଡ ଏବଂ କେରଳ ରହିଛନ୍ତି । ଏହି ଆବିଷ୍କାରଗୁଡ଼ିକ ମଧ୍ୟରେ ଏକ ନୂତନ ସୁନାରୀ ବା ଫର୍ଣ୍ଣ ଜାତୀୟ ଉଭିଦ, ପଶ୍ଚିମଘାଟରୁ ମିଳିଥିବା ଆତର ଏକ ଜଙ୍ଗଲୀ ପ୍ରଜାତି ଏବଂ ଏକ ଜଙ୍ଗଲୀ ଖାଇବାଯୋଗ୍ୟ 'ଟୁଥ୍ ଫଙ୍ଗସ୍' ଅନ୍ୟତମ । ଉଭୟ ପ୍ରାଣୀ ଏବଂ ଉଭିଦ ବିଜ୍ଞାନର ଏହିସମସ୍ତ ଆବିଷ୍କାର ଭାରତର ପ୍ରାକୃତିକ ଐତିହ୍ୟର ଏକ ସମୃଦ୍ଧ ଚିତ୍ର ପ୍ରଦାନ କରୁଛି । ଭାରତର ଜଙ୍ଗଲ, ପାହାଡ଼, ନଦୀ ଏବଂ ଦ୍ୱୀପସମୂହଗୁଡ଼ିକରେ ନିରନ୍ତର ଏପରି ପ୍ରଜାତି ସାମ୍ନାକୁ ଆସୁଛି ଯାହା ବିଜ୍ଞାନ ପୂର୍ବରୁ କେବେ ଦେଖିନଥିଲା । ତେଣୁ ଏହି ଆବିଷ୍କାର ଏହା ସୂଚାଉଛି କି ପ୍ରକୃତି ମଧ୍ୟରେ ଆହୁରି ଏଭଳି ଅନେକ ପ୍ରଜାତି ଲୁଚି ରହିଛନ୍ତି, ଯେଉଁଗୁଡିକୁ ଆମେ ଖୋଜି ବାହାର କରିବାର ଅଛି ।

## ଭାରତର ବିରଳ

ବନ୍ୟପ୍ରାଣୀ ହେଉଛନ୍ତି କୌଣସି ଦେଶର ପ୍ରକୃତ ସମ୍ପଦର ପ୍ରମୁଖ ନିର୍ଦ୍ଧାରକ । ଭାରତ ହେଉଛି ବୈବିଧ୍ୟମୟ ଜୈବବିବିଧତାର ଦେଶ, ଯେଉଁଠାରେ ଏପରି କିଛି ଦୁର୍ଲଭ ପ୍ରାଣୀ ପ୍ରଜାତି ବାସ କରନ୍ତି ଯେଉଁମାନଙ୍କୁ ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଆସନ୍ତୁ ସେହିଭଳି କିଛି ଦୁର୍ଲଭ ପ୍ରାଣୀ ସମ୍ପର୍କରେ ଜାଣିବା ।

### ୧. ଏସୀୟ ସିଂହ

ଗୁଜରାଟର ଗିର୍ ଜାତୀୟ ଉଦ୍ୟାନରେ ଏହି ସିଂହମାନେ ବାସ କରନ୍ତି, ଯାହା ଏମାନଙ୍କର ଏକମାତ୍ର ପ୍ରାକୃତିକ ଆବାସସ୍ଥଳୀ । ଆଫ୍ରିକୀୟ ସିଂହଙ୍କ ତୁଳନାରେ ଏସୀୟ ସିଂହଙ୍କ ଲାଞ୍ଜର













ଗୁଚ୍ଛ ବଡ଼, ପେଟ ପାଖରେ ଚର୍ମର ସ୍ପଷ୍ଟ ଭାଙ୍ଗ ଥାଏ ଏବଂ ମୁଣ୍ଡର କେଶର କମ୍ ଘଞ୍ଚ ହୋଇଥାଏ । ସମ୍ପ୍ରତି ଗଣନା ଅନୁଯାୟୀ, ଗିର୍ ଜାତୀୟ ଉଦ୍ୟାନରେ ପ୍ରାୟ ୬୭୪ଟି ଏସୀୟ ସିଂହ ରହିଛନ୍ତି ।

## ୨. ଗ୍ରେଟ୍ ଇଣ୍ଡିଆନ୍ ବୁଷ୍ଟାର୍ଡ

ଏହା ଭାରତର ସବୁଠାରୁ ବଡ଼ ପକ୍ଷୀ ପ୍ରଜାତି ଅଟନ୍ତି, ଯେଉଁମାନେ ମୁଖ୍ୟତଃ ରାଜସ୍ଥାନ ଏବଂ ଗୁଜରାଟର ଖୋଲା ଘାସପଡ଼ିଆରେ ଦେଖାଯାନ୍ତି । ଦୃଷ୍ଟିଶକ୍ତି ଦୁର୍ବଳ ହେତୁ ହାଇ-ଭୋଲ୍ଟେଜ୍ ବିଦ୍ୟୁତ୍ ତାର ସହ ଧକ୍କା ହେବା ଏବଂ ଶିକାର ଯୋଗୁଁ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ କମି ପ୍ରାୟ ୧୫୦ରେ ପହଞ୍ଚିଛି । ଏହାଛଡ଼ା ସୌରପ୍ଲାଣ୍ଟ ଏବଂ ପବନଚକ୍ର ନିର୍ମାଣ ଯୋଗୁଁ ଏମାନଙ୍କ ବାସସ୍ଥଳୀ ନଷ୍ଟ ହେବାରେ ଲାଗିଛି ।

## ୩. ସଙ୍ଗାଇ ହରିଣ

କେବଳ ମଣିପୁରର କେଇବୁଲ ଲାମଜାଓ ଜାତୀୟ ଉଦ୍ୟାନର ଜଳାଶୟରେ ଭାସମାନ ଘାସପଡ଼ିଆ ମଧ୍ୟରେ ଏମାନେ ବାସ କରନ୍ତି । ଭାସମାନ ଫୁମ୍ଡି ଉପରେ ଡେଇଁ ଡେଇଁ ଚାଲୁଥିବାରୁ ଏମାନଙ୍କୁ 'ଡାନ୍ସିଂ ଡିଅର୍' ମଧ୍ୟ କୁହାଯାଏ । ବର୍ତ୍ତମାନ ଏହି ଦୁର୍ଲଭ ହରିଣଙ୍କ ସଂଖ୍ୟା ପ୍ରାୟ ୨୬୦ରେ ପହଞ୍ଚିଛି ।

## ୪. ସିଂହ-ପୁଚ୍ଛ ମାଙ୍କଡ଼

ଦକ୍ଷିଣ ଭାରତର ପଶ୍ଚିମଘାଟ ପର୍ବତମାଳା (କେରଳ ଓ କର୍ଣ୍ଣାଟକ) ର ଘଞ୍ଚ ଜଙ୍ଗଲରେ ଗଛର ଉଚ୍ଚ ଡାଳରେ ଏମାନେ ରହନ୍ତି । କଳା ମୁହଁ, ଚାରିପାଖରେ ରୂପେଲି-ଧଳା କେଶର ଏବଂ ସିଂହ ଭଳି ଲାଞ୍ଜ ଥିବା ଏହି ମାଙ୍କଡ଼ମାନେ ଅତ୍ୟନ୍ତ ଆକର୍ଷଣୀୟ । ଏଗୁଡ଼ିକ ବିଲୁପ୍ତପ୍ରାୟ ପ୍ରଜାତି ଏବଂ ସାଧାରଣତଃ ମଣିଷଙ୍କ ସହ ମିଳାମିଶା କରନ୍ତି ନାହିଁ ।

## ୫. ନୀଳଗିରି ତାହାର

ତାମିଲନାଡୁ ଏବଂ କେରଳର ପଶ୍ଚିମଘାଟ ପାର୍ବତ୍ୟ ଅଞ୍ଚଳରେ ଏହି ଖୁରା ପାରିଥିବା ପାହାଡ଼ିଆ ଜୀବ ଦେଖାଯାନ୍ତି । ଦେଖିବାକୁ ମେଣ୍ଢା ଭଳି ହୋଇଥିଲେ ବି ଏମାନଙ୍କ ଶରୀର ପତଳା, ଖୁରା ଶକ୍ତ ଏବଂ ପଛକୁ ବଙ୍କେଇ ଥିବା ଶିଙ୍ଗ ରହିଥାଏ, ଯାହା ଏମାନଙ୍କୁ ପାହାଡ଼ ଚଢ଼ିବାରେ ଦକ୍ଷ କରାଏ । ବୟସ ବୃଦ୍ଧି ସହ ଏମାନଙ୍କ ପିଠିର ରଙ୍ଗ ବଦଳିଥାଏ । ଏମାନଙ୍କ ହାରାହାରି ଜୀବନକାଳ ମାତ୍ର ତିନି ବର୍ଷ ହୋଇଥାଏ ।

## ୬. କାଶ୍ମୀରୀ ହରିଣ

ଲାଲ୍ ହରିଣର ଏହି ଉପ-ପ୍ରଜାତି ମୁଖ୍ୟତଃ କାଶ୍ମୀରର ଦାଚିଗାମ୍ ଜାତୀୟ ଉଦ୍ୟାନ ଏବଂ ହିମାଚଳ ପ୍ରଦେଶର ଉତ୍ତର ଚମ୍ବା ଜିଲ୍ଲାରେ ଦେଖାଯାନ୍ତି । ବାଦାମୀ ରଙ୍ଗର ଏହି ହରିଣଙ୍କ ପଛପଟେ ହାଲୁକା ଦାଗ ଥାଏ ଏବଂ ଏମାନଙ୍କର ଲାଞ୍ଜ ନଥାଏ । ବର୍ତ୍ତମାନ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ପ୍ରାୟ ୧୫୦ରେ ପହଞ୍ଚିଛି ।

## ୭. ମାଲାବାର୍ ସିଭେଟ୍

କେରଳର ପଶ୍ଚିମଘାଟ ଅଞ୍ଚଳରେ ମିଳୁଥିବା ଏହା ଏକ ଅତ୍ୟନ୍ତ ଦୁର୍ଲଭ ରାତ୍ରିଚର ସ୍ତନ୍ୟପାୟୀ ପ୍ରାଣୀ । ଜଙ୍ଗଲ କ୍ଷୟ ଏବଂ ଶିକାର ଯୋଗୁଁ ଏହା ବିଲୁପ୍ତିର ଦ୍ୱାରଦେଶରେ । ଏହାଛଡ଼ା ଏହାର ସୁଗନ୍ଧ ଗ୍ରନ୍ଥିରୁ ବାହାରୁଥିବା 'ସିଭେଟୋନ୍' ପ୍ରସାଧନ/ସେଣ୍ଟ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବାରୁ ଏହାର ଶିକାର ବୃଦ୍ଧି ପାଉଛି ।

## ୮. ପିଗ୍ମି ହଗ୍

ଆସାମର ମାନସ ଜାତୀୟ ଉଦ୍ୟାନରେ ଦେଖିବାକୁ ମିଳୁଥିବା ଏହି ଜୀବ ବିଶ୍ୱର ସବୁଠାରୁ ଛୋଟ ଏବଂ ଦୁର୍ଲଭ ବନ୍ୟ ବରାହ ପ୍ରଜାତି । ଓଦା ଘାସପଡ଼ିଆରେ ରହୁଥିବା ଏହି ଅଳ୍ପ କେତେକ ପ୍ରାଣୀଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନେ ଘାସରେ ନିଜ ପାଇଁ ଛାତ ସହିତ ଘର ତିଆରି କରନ୍ତି । ଏମାନଙ୍କ ସଂଖ୍ୟା ୨୫୦ରୁ କମ୍ । ଏମାନଙ୍କୁ ବିଲୁପ୍ତିରୁ ରକ୍ଷା କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ।

## ୯. ନୀଳଗିରି ବ୍ଲୁ ରବିନ୍

ଦକ୍ଷିଣ ଭାରତର ପଶ୍ଚିମଘାଟ ପର୍ବତମାଳାର 'ଶୋଲା ଜଙ୍ଗଲ'ରେ ଏହି ସୁନ୍ଦର ଗାୟକ ପକ୍ଷୀ ଦେଖାଯାନ୍ତି । ଏମାନଙ୍କୁ 'ନୀଳଗିରି ଶୋଲାକିଲି' ମଧ୍ୟ କୁହାଯାଏ । ଏହି ପକ୍ଷୀଙ୍କ ଡେଣା ଉଜ୍ଜ୍ୱଳ ନୀଳ, ପେଟ ଧଳା ଏବଂ କଳା ଲାଞ୍ଜର ଆଗ ଭାଗ କମଳା ରଙ୍ଗର ହୋଇଥାଏ । ଜଙ୍ଗଲ





କ୍ଷୟ ଏବଂ ଶିକାର ଯୋଗୁଁ ଏହି ପକ୍ଷୀମାନେ ବିଲୁପ୍ତ ହେବାକୁ ବସିଲେଣି ।

### ୧୦. ଗଙ୍ଗା ନଦୀ ଡଲଫିନ୍

ଏହା ଭାରତର 'ଜାତୀୟ ଜଳଚର ପ୍ରାଣୀ'ର ଆଖ୍ୟା ପାଇଛି । ମୁଖ୍ୟତଃ ଗଙ୍ଗା ଓ ଏହାର ଶାଖା ନଦୀ ଅବବାହିକା ଅନ୍ତର୍ଗତ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଏବଂ ବିହାରର ନଦୀପଥରେ ଏମାନେ ଦେଖାଯାନ୍ତି । ଜଳ ପ୍ରଦୂଷଣ, ଶିକାର ଏବଂ ନଦୀ ବନ୍ଧ ଯୋଗୁଁ ସଙ୍କଟରେ ଥିବା ଏହି ଡଲଫିନ୍‌ଙ୍କ ସଂଖ୍ୟା ବର୍ତ୍ତମାନ ପ୍ରାୟ ୩,୭୫୦ ।

### ୧୧. ଆଣ୍ଡାମାନ୍ ବନ୍ୟ ବରାହ

କେବଳ ଆଣ୍ଡାମାନ୍ ଏବଂ ନିକୋବର ଦ୍ୱୀପସମୂହର ଘଞ୍ଚ ଜଙ୍ଗଲରେ ମିଳୁଥିବା ଏହା ଏକ ସ୍ଥାନୀୟ ବନ୍ୟ ଘୁଷୁରି ଉପ-ପ୍ରଜାତି । ଗାଢ଼ କଳା ଚର୍ମ ଏବଂ ଶକ୍ତ ଶରୀର ଗଠନ ବିଶିଷ୍ଟ ଏହି ପ୍ରାଣୀ ଆଞ୍ଚଳିକ ପରିବେଶ ସହ ନିଜକୁ ଖାପଖୁଆଇ ଚେର, ଫଳ ଏବଂ ଛୋଟ ଅପୃଷ୍ଠବଂଶୀ ଜୀବ ଖାଇ ବଞ୍ଚିଥାନ୍ତି । ବାସସ୍ଥଳୀ ନଷ୍ଟ ଏବଂ ଶିକାର ଯୋଗୁଁ ଏମାନଙ୍କ ସଂଖ୍ୟା ପ୍ରଭାବିତ ହୋଇଛି ।

### ୧୨. ବାଇଗଣୀ ବେଙ୍ଗ

ପଶ୍ଚିମଘାଟ ପର୍ବତମାଳାରେ ମିଳୁଥିବା ଏହା ଏକ ଅତ୍ୟନ୍ତ ବିଚିତ୍ର ପ୍ରାଗୈତିହାସିକ ଆକୃତିର ଭୂମିହୀନ ଉଭୟଚର ପ୍ରାଣୀ । ଏହାର ଶରୀର ଫୁଲିଲା ଭଳି ମୋଟା, ମୁଣ୍ଡ ଛୋଟ ଏବଂ ନାକ ମୁନିଆ ହୋଇଥାଏ । ଏମାନେ ନିଜ ଜୀବନର ଅଧିକାଂଶ ସମୟ ମାଟି ତଳେ ବିତାନ୍ତି ଏବଂ କେବଳ ବର୍ଷାଦିନେ ବଂଶବୃଦ୍ଧି ପାଇଁ କିଛି ଦିନ ପାଇଁ ଉପରକୁ ଆସନ୍ତି ।ଲକ୍ଷ ଲକ୍ଷ ବର୍ଷ ଧରି ତିଷ୍ଠି ରହିଥିବା ଏହି ପ୍ରଜାତି ଏବେ ବାସସ୍ଥଳୀ ବିନାଶ ଯୋଗୁଁ ବିପଦରେ ।



### ୧୩. ନିକୋବର ମେଗାପୋଡ୍


ନିକୋବର ଦ୍ୱୀପପୁଞ୍ଜରେ ଦେଖାଯାଉଥିବା ଏହି ଆକର୍ଷଣୀୟ ପକ୍ଷୀ ଘାସ-ପତ୍ର ଓ ମାଟିର ପାହାଡ଼ ସଦୃଶ ବସା ତିଆରି କରିଥାଆନ୍ତି । ନିଜର ଏହି ନିଆରା ପାରମ୍ପରିକ ଅଭ୍ୟାସ ପାଇଁ ସେମାନେ ବେଶ ଜଣାଶୁଣା । ଶରୀରର ଉତ୍ତାପ ଦ୍ୱାରା ଅଣ୍ଡା ଆଉଁଷିବା ପରିବର୍ତ୍ତେ, ଏହା ସୂର୍ଯ୍ୟକିରଣ କିମ୍ବା ପଚାସଢ଼ା ଗଛପତ୍ରରୁ ବାହାରୁଥିବା ଉତ୍ତାପ ଉପରେ ନିର୍ଭର କରି ଅଣ୍ଡାଗୁଡ଼ିକୁ ବାଲି କିମ୍ବା ଜୈବିକ ଆବର୍ଜନା ତଳେ ପୋତି ରଖିଥାଏ । ଦୁଃଖର ବିଷୟ, ପ୍ରାକୃତିକ ବାସସ୍ଥଳୀର ବିନାଶ ଏବଂ ମାନବୀୟ ହସ୍ତକ୍ଷେପ ଯୋଗୁଁ ଏହି ପ୍ରଜାତିର ପକ୍ଷୀ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛନ୍ତି ।

### ୧୪. ଇଣ୍ଡିଆନ୍ ଗୋଲ୍ଡେନ୍ ଗେକୋ

ପୂର୍ବଘାଟ ପର୍ବତମାଳାର ପଥୁରିଆ ପାହାଡ଼ ଓ ଜଙ୍ଗଲରେ ବାସ କରୁଥିବା ଏହି ରାତିଚର ସରୀସୃପଟି ତା'ର ଚମକପ୍ରଦ ସୁନେଲି - ହଳଦିଆ ଚର୍ମ ପାଇଁ 'ଇଣ୍ଡିଆନ୍ ଗୋଲ୍ଡେନ୍ ଗେକୋ' (ସୁନାଝିଟିପିଟି) ନାମରେ ନାମିତ । ଏହି ଦୁର୍ଲଭ ଜୀବଟି ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ହିଁ ଦେଖିବାକୁ ମିଳିଥାଏ । ପୂର୍ବରୁ ଏହା ଅତ୍ୟନ୍ତ ଦୁର୍ଲଭ ବୋଲି ଭାବି ନିଆଯାଉଥିବା ବେଳେ, ନିକଟ ବର୍ଷଗୁଡ଼ିକରେ କରାଯାଇଥିବା ସଂରକ୍ଷଣ ଉଦ୍ୟମ ଯୋଗୁଁ ବୈଜ୍ଞାନିକମାନେ ଏହାର ଜନସଂଖ୍ୟା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି ।

### ୧୫.ଫରେଷ୍ଟ ଆଉଲେଟ୍

୧୯୯୭ ମସିହାରେ ପୁନରୁଦ୍ଧାର ହେବା ପୂର୍ବରୁ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଇଛି ବୋଲି ଧରାଯାଉଥିବା ଏହି 'ଫରେଷ୍ଟ ଆଉଲେଟ୍' (ଜଙ୍ଗଲୀ ପେଚା) ମଧ୍ୟ-ଭାରତର ଅରଣ୍ୟରେ ଦେଖାଯାଉଥିବା ଏକ ଅତ୍ୟନ୍ତ ଦୁର୍ଲଭ ପକ୍ଷୀ । ଅନ୍ୟ ସାଧାରଣ ପେଚାମାନଙ୍କ ବିପରୀତ, ଏହା ଦିନ ସମୟରେ ସକ୍ରିୟ ରହେ ଏବଂ ଘଞ୍ଚ ପତ୍ରଝଡ଼ା ଜଙ୍ଗଲରେ ରହିବାକୁ ପସନ୍ଦ କରେ । ବର୍ତ୍ତମାନ କେବଳ କିଛି ଶହ ସଂଖ୍ୟକ ଏହି ପେଚା ଜୀବିତ ଥିବା ବେଳେ, ଜଙ୍ଗଲ କ୍ଷୟ ଏବଂ ବାସସ୍ଥଳୀର ବିଖଣ୍ଡନ ଏମାନଙ୍କ ପ୍ରତି ସବୁଠାରୁ ବଡ଼ ସଙ୍କଟ ସୃଷ୍ଟି କରିଛି ।









# ଏକାଠି ବାସ

ସିଂହ ଓ ବାଘ ଦୁଇଜଣ ଜଙ୍ଗଲର ସବୁଠାରୁ ଶକ୍ତିଶାଳୀ ଓ ରାଜକୀୟ ମହାବଳୀ ବନ୍ୟଜନ୍ତୁ । ଜଣେ ଜଙ୍ଗଲର ରାଜା ଭାବେ ପରିଚିତ ତ ଅନ୍ୟଜଣ ଅତ୍ୟନ୍ତ ପରାକ୍ରମୀ ଏବଂ ଭାରତର ଜାତୀୟ ପଶୁ । ଅଧିକାଂଶ କ୍ଷେତ୍ରରେ ସିଂହମାନେ ଆଫ୍ରିକାର ଖୋଲା ଘାସପଡ଼ିଆ ଏବଂ ବାଘମାନେ ଏସିଆର ଗହନ ଜଙ୍ଗଲରେ ବାସ କରିଥାଆନ୍ତି । ହେଲେ ପୃଥିବୀରେ ଏପରି ଏକ ଦେଶ ଅଛି ଯେଉଁଠାରେ ଏହି ଦୁଇ ଭିନ୍ନ ପ୍ରଜାତିର ଜୀବ ପ୍ରାକୃତିକ ପରିବେଶରେ ଏକାଠି ମୁକ୍ତଭାବେ ବିଚରଣ କରନ୍ତି । ଆଉ ସେହି ଅନନ୍ୟ ଦେଶଟି ହେଉଛି ଭାରତ । ସାରା ବିଶ୍ୱରେ ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶ ନାହିଁ, ଯେଉଁଠି ବନ୍ୟ ସିଂହ ଓ ବାଘ ଉଭୟ ଏକାସାଙ୍ଗରେ ବାସ କରନ୍ତି ।

ଏହା ଭାରତର ବିବିଧ ପ୍ରାକୃତିକ ପରିବେଶ ଏବଂ ବହୁ ବର୍ଷର ନିରବଚ୍ଛିନ୍ନ ସଂରକ୍ଷଣ ଉଦ୍ୟମର ଏକ ପ୍ରତ୍ୟକ୍ଷ ପ୍ରମାଣ । ପ୍ରାକୃତିକ ଐତିହ୍ୟ ଦୃଷ୍ଟିରୁ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଗୁଜରାଟର ଗିର୍ ଜାତୀୟ ଉଦ୍ୟାନ ଓ ଏହାର ଆଖପାଖ ଅଞ୍ଚଳ ଏସୀୟ ସିଂହ ମାନଙ୍କର ଶେଷ ଆଶ୍ରୟସ୍ଥଳୀ ହୋଇଥିବା ବେଳେ, ଦେଶର ୫୦ରୁ ଅଧିକ ବ୍ୟାଘ୍ର ପ୍ରକଳ୍ପରେ ରହିଛନ୍ତି ରୟାଲ୍ ବେଙ୍ଗଲ୍ ଟାଇଗର୍ମାନେ । ଗୁଜରାଟର ଶୁଷ୍କ ଜଙ୍ଗଲଠାରୁ ଆରମ୍ଭ କରି ସୁନ୍ଦରବନର ଗହନ ହେନ୍ତାଳବନ ପର୍ଯ୍ୟନ୍ତ ଭାରତର ଭିନ୍ନ ଭିନ୍ନ ଭୌଗୋଳିକ ପରିବେଶ ଏହି ଦୁଇ ପ୍ରଜାତିକୁ ସୁହାଉଛି ।

ତେବେ ଗୋଟିଏ ଦେଶରେ ରହୁଥିଲେ ବି, ବର୍ତ୍ତମାନର ବନ୍ୟ ପରିବେଶରେ ସିଂହ ଓ ବାଘ କେବେହେଲେ ପରସ୍ପରର ସାମ୍ନାସାମ୍ନି ହୁଅନ୍ତି ନାହିଁ । ସେମାନଙ୍କ ମଧ୍ୟରେ ଶହ ଶହ କିଲୋମିଟରର ବ୍ୟବଧାନ ରହିଛି ଏବଂ ସେମାନଙ୍କ ବାସସ୍ଥଳୀର ପ୍ରକୃତି ସମ୍ପୂର୍ଣ୍ଣ ଅଲଗା ।

# ସିଂହଙ୍କ ବାସସ୍ଥଳୀ

ଏସୀୟ ସିଂହମାନେ ଆଫ୍ରିକୀୟ ସିଂହଙ୍କ ତୁଳନାରେ ଆକାରରେ ସାମାନ୍ୟ ଛୋଟ । ଏମାନେ ପୂର୍ବରୁ ଭୂମଧ୍ୟସାଗରୀୟ ଅଞ୍ଚଳରୁ ଆରମ୍ଭ କରି ଭାରତ ପର୍ଯ୍ୟନ୍ତ ବ୍ୟାପିଥିଲେ । କିନ୍ତୁ ଅତ୍ୟଧିକ ଶିକାର ଓ ବାସସ୍ଥଳୀ କ୍ଷୟ ହେତୁ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇଥିଲା । ଆଜି ସାରା ପୃଥିବୀରେ କେବଳ ଗୁଜରାଟର ଗିର୍ ଜଙ୍ଗଲରେ ହିଁ ଏହି ଏସୀୟ ସିଂହମାନେ ସୁରକ୍ଷିତ ଅଛନ୍ତି ।

# ବାଘ ବାସସ୍ଥଳୀ


ରୟାଲ୍ ବେଙ୍ଗଲ୍ ଟାଇଗର୍ ଭାରତର ଜାତୀୟ ପଶୁ ଏବଂ ବିଶ୍ୱର ସବୁଠାରୁ ଅଧିକ ସଂଖ୍ୟାରେ ମିଳୁଥିବା ବାଘ ପ୍ରଜାତି । ପଶ୍ଚିମବଙ୍ଗର ସୁନ୍ଦରବନ, ରାଜସ୍ଥାନର ରଣଥମ୍ଭୋର, ମଧ୍ୟପ୍ରଦେଶର ବାନ୍ଧବଗଡ଼ ଏବଂ ଉତ୍ତରାଖଣ୍ଡର ଜିମ୍ କୋରବେଟ୍ ପରି ପ୍ରସିଦ୍ଧ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ଏମାନେ ଦେଖାଯାଆନ୍ତି । ଭାରତୀୟ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ୨୦୨୨ ଗଣନା ଅନୁଯାୟୀ, ଦେଶରେ ବାଘ ସଂଖ୍ୟା ୩,୬୮୨ ହୋଇଥିବା ଆକଳନ କରାଯାଇଥିଲା । ଏହି ସଂଖ୍ୟା ସହିତ ଭାରତ ଆଜି ବିଶ୍ୱର ମୋଟ ବନ୍ୟ ବାଘ ସଂଖ୍ୟାର ପ୍ରାୟ ୭୫ ପ୍ରତିଶତର ଆଶ୍ରୟସ୍ଥଳୀ ପାଲଟିଛି ।

# କିଛି ରୋଚକ ତଥ୍ୟ

**ଏସୀୟ ସିଂହଙ୍କ ଶେଷ ଆଶ୍ରୟ :** ଏସୀୟ ସିଂହମାନେ ପ୍ରାକୃତିକ ଜଙ୍ଗଲରେ ଗିର୍ ବ୍ୟତୀତ ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଦେଖାଯାଆନ୍ତି ନାହିଁ । ଦିନେ ୟୁରୋପ ଓ ଏସିଆର ବିଶାଳ ଭୂଖଣ୍ଡରେ ରହୁଥିବା ସିଂହ ଆଜି କେବଳ ଏହି ଗୋଟିଏ ସ୍ଥାନରେ ସୀମିତ ।

**ଭାରତୀୟ ସଂସ୍କୃତିରେ ସ୍ଥାନ:** ଏହି ଦୁଇ ପ୍ରାଣୀ ଭାରତର ଜାତୀୟ ପରିଚୟ ସହ ଓତପ୍ରୋତ ଭାବେ ଜଡ଼ିତ । ସାରନାଥର ଅଶୋକ ସ୍ତମ୍ଭରୁ ଗୃହୀତ ଭାରତର ଜାତୀୟ ପ୍ରତୀକରେ ସିଂହ ଶୋଭା ପାଉଥିବାବେଳେ, ଜାତୀୟ ପଶୁ ଭାବେ ବାଘ ଭାରତର ପରାକ୍ରମ, ଗୌରବ ଓ ବନ୍ୟସମ୍ପଦର ପ୍ରତୀକ ସାଜିଛି ।







## ମୃଣାଳ

ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

# ଜେନ-ଜି ଭାଷା

ସମ୍ପ୍ରତି ଦିଲ୍ଲୀର ଯନ୍ତର-ମନ୍ତର ସହ ଦେଶର ବିଭିନ୍ନ ଅଂଚଳରେ ଯେଉଁ ଆନ୍ଦୋଳନ ହେଲା ତାହାକୁ ମୁଖ୍ୟତଃ ତରୁଣ ତରୁଣୀମାନେ କରୁଥିଲେ। ସେମାନଙ୍କୁ 'ଜେନ-ଜି' ବୋଲି କୁହାଯାଉଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ସହିତ ଏ ଆନ୍ଦୋଳନର ପରିସମାପ୍ତି ହୋଇଛି। ତେବେ ଏ ଆନ୍ଦୋଳନ ବେଳେ 'ଜେନ-ଜି' ପ୍ରଜନ୍ମ ସେମାନଙ୍କ ସ୍ଲୋଗାନ ଏବଂ ଅନ୍ୟାନ୍ୟ କମ୍ୟୁନିକେସନରେ ଯେଉଁ ପ୍ରକାର ଭାଷା ବ୍ୟବହାର କରୁଥିଲେ - ତାକୁ ନେଇ ଏବେ ଜୋର ଚର୍ଚ୍ଚା ଏବଂ ବିତର୍କ ଚାଲିଛି। ଏ ବିଷୟରେ ମୋର ଯାହା ବକ୍ତବ୍ୟ ତାକୁ କହିବାର ସ୍ଥାନ ଏ ସ୍ତମ୍ଭ ନୁହଁ। ଏଠି କେବଳ ଏତିକି କହିପାରେ, ଭାଷା ବଡ଼ ସମ୍ବେଦନଶୀଳ ଓ ସ୍ପର୍ଶକାତର ବିଷୟ। ଆପଣ କୌଣସି ମହିଳାଙ୍କୁ କୁହନ୍ତୁ, ଆପଣଙ୍କ ଆଖି ଦିଟା ଭାରି ସୁନ୍ଦର। ଠିକ ହରିଣୀ ଆଖି ପରି। ସେ ଖୁସି ହୋଇଯିବେ। ତାଙ୍କୁ କୁହନ୍ତୁ, ଆପଣଙ୍କ ଆଖି ଦିଟା ଭାରି ସୁନ୍ଦର। ଠିକ ମଇଁଷି ଆଖି ପରି। ସେ ରାଗି ଯିବେ। କାହାକୁ 'ସିଂହ' କହିଲେ ସେ ଖୁସି ହୋଇଯାଏ, 'କୁକୁର' କହିଲେ ରାଗିଯାଏ। କିନ୍ତୁ ଭାବି ଦେଖନ୍ତୁ ମଣିଷ ପାଇଁ 'ସିଂହ'ଠୁ 'କୁକୁର' ଅଧିକ ପ୍ରିୟ ହେବ କଥା। ହରିଣୀଠୁ ମଇଁଷି ଅଧିକ ନିଜର ହେବା କଥା।

# ବନ୍ୟା ଓ ବିପର୍ଯ୍ୟୟ ପର୍ଯ୍ୟଟନ

ଓଡ଼ିଶାରେ ବନ୍ୟା ନୂଆ କଥା ନୁହେଁ। ନୂଆ କଥା ହେଲା ବନ୍ୟାର ଭୟାବହତା। ଆଉ ବନ୍ୟା-ଆକ୍ରାନ୍ତ ଲୋକଙ୍କ ପ୍ରତି ଏକ ସମବେଦନା-ହୀନ ପ୍ରତିକ୍ରିୟା। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ (Deep Depression) ଯୋଗୁ ଜୁଲାଇ ମାସ ଶେଷ ସପ୍ତାହରେ ଓଡ଼ିଶା ଏବଂ ଛତିଶଗଡ଼ର ଉପର ମୁଣ୍ଡରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେଲା। ଫଳରେ ଉପକୂଳ ଓଡ଼ିଶାର ବ୍ୟାପକ ଅଞ୍ଚଳରେ ଦେଖାଦେଲା ବନ୍ୟା। ଓଡ଼ିଶାର ୨୦ଟି ଜିଲ୍ଲାର ପ୍ରାୟ ୮ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହେଲେ। ରାଜ୍ୟର ପ୍ରାୟ ୧,୪୬୦ରୁ ଅଧିକ ଗ୍ରାମ ଦିନ ଦିନ ଧରି ସମ୍ପୂର୍ଣ୍ଣ ପାଣି ଘେରରେ ରହିଲା। ପ୍ରାୟ ୧.୯ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ବନ୍ୟା ଆଶ୍ରୟସ୍ଥଳୀରେ ରଖାଗଲା। କାନ୍ଥ ଭୁଶୁଡ଼ିବା ଏବଂ ପାଣିରେ ବୁଡ଼ିଯିବା ଯୋଗୁ ୫ ଜଣଙ୍କର ମୃତ୍ୟୁ ହେଲା। ୧,୩୦୦ରୁ ଅଧିକ କଚ୍ଚା ଘର ସମ୍ପୂର୍ଣ୍ଣ ବା ଆଂଶିକ ଭାବେ ନଷ୍ଟ ହୋଇଗଲା। ଚାଷ ଜମିରେ ଦୀର୍ଘ ଦିନ ପାଣି ଜମି ରହିବା ଫଳରେ ୨୪,୦୦୦ ହେକ୍ଟରରୁ ଅଧିକ ଧାନ ଫସଲ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ଅନେକ ଗ୍ରାମୀଣ ରାସ୍ତା, ପୋଲ ଏବଂ କଲଭର୍ଟ ବନ୍ୟା ଜଳରେ ଧୋଇଯାଇଛି। ଫଳରେ ଅନେକ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିବା ଯୋଗୁ ଶତାଧିକ ଗାଁ ବେଶ୍ କିଛିଦିନ ଧରି ଅନ୍ଧକାରମୟ ହୋଇ ରହିଲା । ଏପଟେ ବନ୍ୟା ଦେଖିବା ପାଇଁ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗିଛି। କଟକର ରିଙ୍ଗ ରୋଡ ଏବଂ ଅନ୍ୟାନ୍ୟ ନଈକୂଳିଆ ନିରାପଦ ଜାଗାରେ ଠିଆ ହୋଇ ଲୋକେ ନଈବଢ଼ିର ଦୃଶ୍ୟ ଦେଖୁଛନ୍ତି।



ସେଠି ଗୋଟେ ମେଳାର ପରିବେଶ। ଅନେକେ ମୋବାଇଲରେ ନଈବଢ଼ିର ଦୃଶ୍ୟର ଫଟୋ ଉଠଉଛନ୍ତି, ସେଲଫି ଉଠଉଛନ୍ତି। ନଈର ଭୀମକାନ୍ତ ରୁପକୁ ବ୍ୟାକଗ୍ରାଉଣ୍ଡରେ ରଖି କିଛି ପ୍ରି-ୱେଡିଙ୍ଗ ସୁଟିଂ ବି ହେଉଛି। ସରକାର ପର୍ଯ୍ୟଟନର ପ୍ରସାର ପାଇଁ ଅନେକ କଥା କରୁଛନ୍ତି। ବନ୍ୟା ଓ ବିପର୍ଯ୍ୟୟ ପର୍ଯ୍ୟଟନ କଥା ବି ଚିନ୍ତା କରି ପାରନ୍ତି।

# ମରୁଭୂମିରେ ରଙ୍ଗର ଯାଦୁ : ସେଭେନ୍ ମ୍ୟାଜିକ୍ ମାଉଣ୍ଟେନ୍ସ

ଓଡ଼ିଶାର ଖୁବ ପରିଚିତ ସାମ୍ବାଦିକ ଅଶୋକ ଦାସ ଏବେ ଆମେରିକା ଯାଇଛନ୍ତି। ଆମେରିକାରେ ସେ ଯେଉଁଠି ବୁଲି ଯାଉଛନ୍ତି ତା ବିଷୟରେ ନିଜର ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ଲେଖୁଛନ୍ତି। ଏବେ ସେ ଲସ୍ ଭେଗାସ୍ ପାଖାପାଖି ଏକ ଅଞ୍ଚଳ କଥା ଲେଖିଛନ୍ତି। ପଢନ୍ତୁ..."ଲସ୍ ଏଞ୍ଜେଲେସ୍‌ରୁ ଲସ୍ ଭେଗାସ୍ ଅଭିମୁଖେ ଆମ ଗାଡ଼ି ଦ୍ରୁତ ଗତିରେ ଚାଲିଥିଲା। ଦୁଇ ପାର୍ଶ୍ୱରେ ଦୂର ଦୂର ପର୍ଯ୍ୟନ୍ତ ମରୁଭୂମି, ଶୁଖିଲା ପାହାଡ଼ ଓ ଧୂସର ମାଟି । ହଠାତ୍ ଦୂରରେ କିଛି ରଙ୍ଗିନ ସ୍ତମ୍ଭ ଆଖିରେ ପଡ଼ିଲା। ମରୁଭୂମିର ଧୂସର ରଙ୍ଗ ଭିତରେ ସେଗୁଡ଼ିକ ଯେମିତି ଇନ୍ଦ୍ରଧନୁର ସାତଟି ଖଣ୍ଡ ହୋଇ ଠିଆ ହୋଇଥିଲେ। ପାଖକୁ ଯାଇ ଦେଖିଲି— ବିଭିନ୍ନ ଆକାରର ବିରାଟ ବିରାଟ ପଥରକୁ ଗୋଟିଏ ଉପରେ ଗୋଟିଏ ବିନା ସିମେଣ୍ଟ ଯୋଡ଼େଇରେ ସଜାଯାଇଛି। ଉଜ୍ଜ୍ୱଳ ଗୋଲାପୀ, ହଳଦିଆ, କମଳା, ନୀଳ, ସବୁଜ ଭଳି ଚକଚକିଆ ରଙ୍ଗରେ ରଙ୍ଗାଯାଇଥିବା ସେହି ପଥରଗୁଡ଼ିକ ମରୁଭୂମିର ନିରବତା ମଝିରେ ଯେମିତି ଏକ ଅଲଗା ଜଗତ ସୃଷ୍ଟି କରିଥିଲେ। ଏହି କଳାକୃତିର ନାମ Seven Magic Mountains। ସ୍ୱିଜରଲ୍ୟାଣ୍ଡର ପ୍ରସିଦ୍ଧ ଶିଳ୍ପୀ Ugo Rondinone ଏହାର ସ୍ରଷ୍ଟା। ସାତଟି ବିଶାଳ ପଥର ସ୍ତମ୍ଭ। ପ୍ରତ୍ୟେକଟିର ଉଚ୍ଚତା ପ୍ରାୟ ୩୦ରୁ ୩୫ ଫୁଟ। ଚାରିପାଖରେ ମରୁଭୂମିର ପ୍ରାକୃତିକ ଧୂସର ଓ ମାଟିଆ ରଙ୍ଗ, ଆଉ ତା' ମଝିରେ ଏହି ଉଜ୍ଜ୍ୱଳ ରଙ୍ଗର ପଥର ସବୁ- ଏହି ବୈପରିତ୍ୟ ହିଁ ଏହାକୁ ଏତେ ଆକର୍ଷଣୀୟ କରିଛି। ମୁଁ ଭାବୁଥିଲି- ଯେଉଁ ପଥରକୁ ଆମେ ସାଧାରଣ ବୋଲି ଦେଖୁ, ଜଣେ ଶିଳ୍ପୀଙ୍କ କଳ୍ପନା ତାକୁ କିପରି ଏକ ବିଶ୍ୱପ୍ରସିଦ୍ଧ କଳାକୃତିରେ ପରିଣତ କରିପାରେ ! ସେଇଠି ଠିଆ ହୋଇ ଆମ ଓଡ଼ିଶାର ପାହାଡ଼, ପଥର, ନଦୀକୂଳ, ଶିଳାଖଣ୍ଡ କଥା ମନକୁ ଆସିଲା- କେତେ ପ୍ରାକୃତିକ ସୌନ୍ଦର୍ଯ୍ୟ ଆମ ପାଖରେ ଅଛି ! କିନ୍ତୁ ସେହି ପ୍ରକୃତି ଓ ପରିବେଶକୁ ନେଇ ଆମେ କେତେ ସୃଜନଶୀଳ ଚିନ୍ତା କରିପାରିଛୁ ? ଆପଣ ହୁଏତ ଏକମତ ହେବେ, ପର୍ଯ୍ୟଟନର ବିକାଶ ପାଇଁ କେବଳ ଈଶ୍ୱରଦତ୍ତ ପ୍ରକୃତି ନୁହେଁ, ସୃଜନଶୀଳ ମଣିଷଙ୍କ କଳ୍ପନା ମଧ୍ୟ ଏକ ବଡ଼ ସମ୍ପଦ । କେବେ କେବେ ବିପୁଳ ଅର୍ଥ ବିନିଯୋଗର ବଡ଼ ପ୍ରକଳ୍ପ ନୁହେଁ, ବରଂ ଏକ ଅଭିନବ ଚିନ୍ତା ହିଁ କୌଣସି ସ୍ଥାନକୁ ବିଶ୍ୱ ମାନଚିତ୍ରରେ ପହଞ୍ଚାଇ ଦେଇପାରେ । ଆମ ଓଡ଼ିଶାର ପ୍ରାକୃତିକ ସମ୍ପଦ ସହ ସ୍ଥାନୀୟ କଳା, ଲୋକସଂସ୍କୃତି ଓ ଆଧୁନିକ ସୃଜନଶୀଳତାର ଏଭଳି ସମନ୍ୱୟ କରିପାରିଲେ—ଆମ ପାଖରେ ମଧ୍ୟ ନୂଆ ନୂଆ ପର୍ଯ୍ୟଟନ ଆକର୍ଷଣ ସୃଷ୍ଟି ହୋଇପାରେ।



# ନୂଆ ଟ୍ରେଣ୍ଡ୍



ଆପଣମାନେ ଲକ୍ଷ୍ୟ କରିଛନ୍ତି, ଓଡ଼ିଶା ଓ ପଶ୍ଚିମ ବଙ୍ଗରେ ଏବେ ଗୋଟେ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି କି- ବହୁ ସ୍ତ୍ରୀଲୋକ, ବିଶେଷ କରି ବିବାହିତା ସ୍ତ୍ରୀଲୋକମାନେ ସବୁଜ ରଙ୍ଗ ଲୁଗା, ଚୁଡ଼ି ବିନ୍ଦି ଇତ୍ୟାଦି ପିନ୍ଧୁଛନ୍ତି। ଶ୍ରାବଣ ମାସରେ ସବୁଜ ପିନ୍ଧିଲେ କୁଆଡେ ଶୁଭ। ଶ୍ରାବଣ ମାସରେ ଉତ୍ତର ଓ ପଶ୍ଚିମ ଭାରତରେ ବିବାହିତା ମହିଳାମାନେ 'ହରିଆଲି ତିଜ' ବ୍ରତ ପାଳନ କରନ୍ତି। ଏହା ହର-ପାର୍ବତୀଙ୍କ ପୂଜା। ସ୍ୱାମୀଙ୍କ ଦୀର୍ଘ ଆୟୁ ଓ ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ଏ ବ୍ରତ ପାଳନ କରାଯାଏ। ସବୁଜ କୁଆଡ଼େ ମା ପାର୍ବତୀଙ୍କ ପ୍ରିୟ ରଙ୍ଗ, ସେଥିପାଇଁ ସେମାନେ ସବୁଜ ପିନ୍ଧନ୍ତି। ଓଡ଼ିଶାରେ ସ୍ୱାମୀଙ୍କ ମଙ୍ଗଳ କାମନା କରିବା ପାଇଁ ସାବିତ୍ରୀ ବ୍ରତ ଅଛି। ସେଇଥିରେ ଅଧା ସ୍ୱାମୀ ବେହାଲ ହୋଇଗଲେଣି। ଏବେ ପୁଣି ଆଉ ଗୋଟେ ବ୍ରତ....!

୨୦୦୭ ମସିହାର ସୁପରହିଟ୍ ରୋମାଣ୍ଟିକ୍ ଆକ୍ସନ୍ ଫିଲ୍ମ 'ଆୱାରାପନ୍'ର ବହୁପ୍ରତୀକ୍ଷିତ ସିକ୍ୱେଲ୍ 'ଆୱାରାପନ୍ ୨' ଆସନ୍ତା ଅଗଷ୍ଟ ୧୪ରେ ରିଲିଜ ହେବାକୁ ଯାଉଛି । ତେବେ ନିକଟରେ ଏହାର ଟ୍ରେଲର ରିଲିଜ ହୋଇଛି, ଯାହାକୁ ଦର୍ଶକ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଏହି ଟ୍ରେଲରରେ ଅଭିନେତା ଇମ୍ରାନ୍ ହାସମୀ ନିଜର 'ଶିବମ୍' ଚରିତ୍ର ମାଧ୍ୟମରେ କ୍ରୋଧ ଏବଂ ଆକ୍ସନର ଏକ ଆକର୍ଷଣୀୟ ଅବତାରରେ ନଜର ଆସିଛନ୍ତି ।

## ପସନ୍ଦ ଆସୁଛି ଟ୍ରେଲର

ନିତିନ୍ କାକ୍କରଙ୍କ ନିର୍ଦ୍ଦେଶନା, ବିଲାଲ୍ ସିଦ୍ଦିକିଙ୍କ କାହାଣୀ ଏବଂ ରାଜୁ ସିଂହଙ୍କ ପୃଷ୍ଠଭୂମି ସଂଗୀତରେ ସଜ୍ଜିତ ଏହି ଆକ୍ସନ୍ ଏଣ୍ଟରଟେନରରେ ଇମ୍ରାନ୍‌ଙ୍କ ବ୍ୟତୀତ ଦିଶା ପାଟନୀ, ଶବାନା ଆଜମୀ, ସୁବିନ୍ଦର ଭିକ୍କି, ବିଜୟନ୍ତ କୋହଲି, ଅତୁଲ କୁମାର, ଅନିରୁଦ୍ଧ ରାୱଲ ଓ ପୁରନ ଗଜ୍ଜିଙ୍କ ଭଳି କଳାକାର ପ୍ରମୁଖ ଭୂମିକାରେ ଅଛନ୍ତି । ଫିଲ୍ମଟି ୨୦୦୭ର ମୂଳ 'ଆୱାରାପନ୍'ର ସିକ୍ୱେଲ୍ ଅଟେ । ଅନ୍ୟପଟେ, ଇମ୍ରାନ୍ ହାସମୀ ଆଗାମୀ ଦିନରେ ଅଦିବି ଶେଷ, ୱାମିକା ଗଜ୍ଜି ଓ ମାଧୁ ଶାଲିନୀଙ୍କ ସହ ସ୍ପାଇ ଆକ୍ସନ୍ ଥ୍ରୀଲର୍ 'ଜି୨' ଏବଂ ମ୍ୟୁଜିକାଲ୍ ହରର ଫିଲ୍ମ 'ରୂହ'ରେ ମଧ୍ୟ ନଜର ଆସିବେ ।



## ପରାମର୍ଶ ଦେବା ଜରୁରୀ ଥିଲା

ଅଭିନେତ୍ରୀ ଜନ୍ନତ ଜୁବୈର ନିକଟରେ ଏକ ସାକ୍ଷାତକାରରେ ନିଜ ବାନ୍ଧବୀ ଶିବଙ୍ଗୀ ଯୋଶୀଙ୍କୁ ସମର୍ଥନ କରିବା ନେଇ ଖୋଲାଖୋଲି ଆଲୋଚନା କରିଛନ୍ତି । ଶୋ' ଭିତରେ ଶିବଙ୍ଗୀ ଓ ହର୍ଷଦ ଚୋପଡ଼ାଙ୍କ ନାମ ଯୋଡ଼ାଯିବା ଏବଂ ବାହାରେ ଏହାର ଭୁଲ୍ ବାର୍ତ୍ତା ଯିବା ନେଇ ଜନ୍ନତ, ଶିବଙ୍ଗୀଙ୍କୁ ସଚେତନ କରାଇଥିଲେ । ଏହି ମାମଲାରେ ଜନ୍ନତ କହିଛନ୍ତି କି ଏହା ଏକ କ୍ୟାପ୍ଟିଭ୍ ରିଆଲିଟି ଶୋ' ହୋଇଥିବାରୁ ପ୍ରତିଯୋଗୀମାନେ ୨୪ ଘଣ୍ଟା ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇ ରହିଥାଆନ୍ତି ଏବଂ ଏଡିଟିଂ ପରେ ବାହାରେ ଦର୍ଶକଙ୍କୁ କ'ଣ ଦେଖାଯାଉଛି ସେ ବିଷୟରେ ସେମାନେ ଅଜ୍ଞ ଥାଆନ୍ତି । ତେଣୁ ଶୋ'ରୁ ବାହାରିବା ପରେ ଶିବଙ୍ଗୀ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ଭ୍ରମାତ୍ମକ ଧାରଣାର ସାମ୍ନା ନକରନ୍ତି, ସେଥିପାଇଁ ତାଙ୍କୁ କିଛି ନିର୍ଦ୍ଦିଷ୍ଟ ସୀମା ବଜାୟ ରଖିବାକୁ ପରାମର୍ଶ ଦେବା ତାଙ୍କ ପାଇଁ ଅତ୍ୟନ୍ତ ଜରୁରୀ ଥିଲା ।



## ପ୍ରଥମେ ରିଜେକ୍ଟ ହୋଇଥିଲା


ଟେଲିଭିଜନ୍‌ର ଅତି ପ୍ରିୟ ଯୋଡ଼ି ଜାସମିନ୍ ଭସିନ୍ ଏବଂ ଅଲି ଗୋନିଙ୍କ ପ୍ରେମ କାହାଣୀ ବାହାରୁ ଯେତେ ରୋମାଞ୍ଚକର ଦେଖାଯାଏ, ଏହା ପଛର ପ୍ରକୃତ କାହାଣୀ ସେତିକି ଭିନ୍ନ । 'ବିଗ୍ ବସ୍ ୧୪'ରୁ ପରଫେକ୍ଟ କପଲ୍ ଭାବେ ନଜର ଆସୁଥିବା ଏହି ଯୋଡ଼ିଙ୍କ ମଧ୍ୟରେ ପ୍ରଥମରୁ ସବୁକିଛି ସହଜ ନଥିଲା । ଏପରିକି ୨୦୧୮ ମସିହାରେ 'ଖତରୋଁ କେ ଖିଲାଡ଼ି ୯' ସେଟ୍‌ରୁ ଦୁହିଁଙ୍କ ଭେଟ ହେବା ପରେ, ଡିସେମ୍ବର ୩୧, ୨୦୧୮ ରେ ଜାସମିନ୍ ଯେତେବେଳେ ପ୍ରଥମେ ପ୍ରପୋଜ୍ କରିଥିଲେ, ଅଲି ସିଧାସଳଖ ମନା କରିଦେଇଥିଲେ । ନିକଟରେ ରିଆଲିଟି ଶୋ' 'ଆଲାଏନ୍ସ'ରେ ସହ-ପ୍ରତିଯୋଗୀ ରୁହୀ ଦୋସାନୀ ଓ ର୍‌ୟାପର ବାଲିଙ୍କ ସହ ଆଲୋଚନା ବେଳେ ଅଲି ଏହି ଗୁପ୍ତ କଥାର ଖୁଲାସା କରିଛନ୍ତି । ସେ ତରତର ହୋଇ କୌଣସି ନେବାକୁ ଚାହୁଁନଥିଲେ, କାରଣ ଅନେକ ସମୟରେ ଶୀଘ୍ର ଆରମ୍ଭ ହୋଇଥିବା ପ୍ରେମ ସମୟ ସହ ବଦଳିଯାଏ । ତେବେ ଜାସମିନ୍ ହାର୍ ନମାନି ଅଲିଙ୍କ ମନ ଜିତିବାକୁ ପୂରା ଦୁଇ ବର୍ଷ ସମୟ ନେଇଥିଲେ । ଅଲିଙ୍କ ଅନୁଯାୟୀ, ନିଜର ସବୁଠୁ ଭଲ ବନ୍ଧୁଙ୍କୁ ବିବାହ କରିବା ଦୁନିଆର ସବୁଠୁ ଶ୍ରେଷ୍ଠ ନିଷ୍ପତ୍ତି, କାରଣ ସେ ଆପଣଙ୍କୁ ଭିତରୁ ବାହାର ପର୍ଯ୍ୟନ୍ତ ଭଲ ଭାବେ ଜାଣିଥାନ୍ତି । ଆଉ ଜାସମିନ୍‌ଙ୍କ ପ୍ରକୃତ ପ୍ରେମକୁ ଅନୁଭବ କରିବା ପରେ ଅଲି ତାଙ୍କୁ ହଁ କହିଥିଲେ ।





## ପ୍ରଥମଥର ଏକାଠି

ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍ ଏବଂ କୋରିଓଗ୍ରାଫରରୁ ନିର୍ଦ୍ଦେଶକ ବନିଥିବା ରେମୋ ଡି'ସୁଜା ପୁଣି ଥରେ ଏକ ହାଇ-ଓକ୍ଟେନ୍ ଆକ୍ସନ୍ ଫିଲ୍ମ ପାଇଁ ଏକାଠି ହୋଇଛନ୍ତି । ତେବେ ଏଥିରେ ଏବେ ଅଭିନେତ୍ରୀ ନୁସରତ୍ ଭରୁଚା ମୁଖ୍ୟ ନାୟିକା ଭାବେ ସାମିଲ ହୋଇଥିବା ଜଣାପଡ଼ିଛି । ଗଣମାଧ୍ୟମର ସୂଚନା ଅନୁଯାୟୀ, କାହାଣୀରେ ଦମଦାର୍ ଏବଂ ଭାବପ୍ରବଣତା ଆଣିପାରୁଥିବା କଳାକାରଙ୍କ ସନ୍ଧାନରେ ଥିବା ନିର୍ମାତାମାନେ ନୁସରତ୍‌ଙ୍କୁ ଚୟନ କରିଛନ୍ତି । ଯାହାଙ୍କ ଚରିତ୍ରଟି ସାଧାରଣ ନାୟିକା ଭୂମିକାରୁ ବହୁତ ଭିନ୍ନ ଏବଂ କାହାଣୀକୁ ଏକ ଭିନ୍ନ ମୋଡ଼ ଦେବ । ଏହି ଚଳଚ୍ଚିତ୍ର ମାଧ୍ୟମରେ ଟାଇଗର ଏବଂ ନୁସରତ୍ ପ୍ରଥମ ଥର ପାଇଁ ପରଦାରେ ଏକାଠି ନଜର ଆସିବେ । ଅନ୍ୟପଟେ ଟାଇଗର ନିକଟରେ କନ୍ନଡ଼ ନିର୍ଦ୍ଦେଶକ ଏ. ହର୍ଷଙ୍କ 'ବାଗୀ ୪'ରେ ସଞ୍ଜୟ ଦତ୍ତ, ହରନାଜ ସାନ୍ଧୁ ଓ ସୋନମ ବାଜୱାଙ୍କ ସହ ନଜର ଆସିଥିବା ବେଳେ, ନୁସରତ୍ ଭରୁଚା ଶେଷଥର ପାଇଁ ସୋହମ୍ ଶାହଙ୍କ ସହ କମେଡି-ଥ୍ରୀଲର୍ 'ଉଫ୍ ୟେ ସିୟାପା'ରେ ଅଭିନୟ କରିଥିଲେ ।



## ଚାମ୍ପିଅନ ଶ୍ରେୟା

ବିଭିନ୍ନ ଚ୍ୟାଲେଞ୍ଜିଂ ଟାସ୍କ ପରେ ଶେଷରେ 'ଲକ୍ ଅପ୍: ସଚ୍ ୟା ସଜା' ସିଜନ୍ ୨ର ବିଜେତା ଘୋଷିତ ହୋଇଛନ୍ତି । ଗ୍ରାଣ୍ଡ ଫାଇନାଲିରେ ଶିବାଙ୍ଗୀ ଯୋଶୀଙ୍କୁ ପରାସ୍ତ କରି କଣ୍ଟେଣ୍ଟ କ୍ରିଏଟର ଶ୍ରେୟା କାଲରା ଏହି ବହୁପ୍ରତୀକ୍ଷିତ ଟ୍ରଫି ସହ ୧ କୋଟି ଟଙ୍କାର ପୁରସ୍କାର ରାଶି ନିଜ ନାମରେ କରିଛନ୍ତି । ନିର୍ଣ୍ଣାୟକ 'ଅଗ୍ନିପରୀକ୍ଷା' ଟାସ୍କର ପ୍ରଥମ ପର୍ଯ୍ୟାୟରେ ରାମ କପୁର ପଞ୍ଚମ ସ୍ଥାନରେ ରହି ଶୋ'ରୁ ବିଦାୟ ନେଇଥିବା ବେଳେ 'ବ୍ଲଫ୍ ମାଷ୍ଟର' ଚ୍ୟାଲେଞ୍ଜରେ ଯୋଗେଶ ରାୱତଙ୍କ ଚାଲାକି ଯୋଗୁଁ ଶିଳ୍ପା ସିନ୍ଦେ ବାଦ୍ ପଡ଼ିଥିଲେ । ଏହାପରେ ଶ୍ରେୟା, ଶିବଙ୍ଗୀ ଓ ଯୋଗେଶ ଟପ୍-୩ରେ ପହଞ୍ଚି ନିଜର ଗେମ୍-ପ୍ଲେ ଏବଂ ଆଚରଣକୁ ନେଇ ଜୁରୀ ଓ ଆୱେଜ୍ ଦରବାରଙ୍କ କଠୋର ପ୍ରଶ୍ନର ସାମ୍ନା କରିଥିଲେ, ଯେଉଁଥିରେ ଯୋଗେଶ ତୃତୀୟ ସ୍ଥାନରେ ରହି ଆଉଟ୍ ହୋଇଥିଲେ । ଶେଷ ପର୍ଯ୍ୟାୟରେ ଜେଲର, ପୂର୍ବତନ ପ୍ରତିଯୋଗୀ ଓ ଜନତା ଜୁରୀଙ୍କ ଭୋଟ୍ ଆଧାରରେ ଶ୍ରେୟା ବିଜେତା ହୋଇଥିବା ବେଳେ ଶିବଙ୍ଗୀ ଯୋଶୀ ରନର୍ସ-ଅପ୍ ହୋଇଥିଲେ । ଫରାହ ଖାନ୍ ଏବଂ ରିତେଶ ଦେଶମୁଖଙ୍କ ଦ୍ୱାରା ସଞ୍ଚାଳିତ ଏହି ଚର୍ଚ୍ଚିତ ରିଆଲିଟି ଶୋ'ରେ ଶିଳ୍ପା ସିନ୍ଦେଙ୍କ ୱାଇଲ୍ଡକାର୍ଡ ଏଣ୍ଟ୍ରି ଗୃହର ମାହୋଲ ବଦଳାଇ ଦେଇଥିବା ବେଳେ ଶ୍ରେୟାଙ୍କ ନିର୍ଭୀକ ଗେମ୍ ପ୍ଲାନ୍ ତାଙ୍କୁ ଚାମ୍ପିୟନ୍ କରାଇଛି ।



# ସ୍ୱାଧୀନତା

ଅଗଷ୍ଟ ପନ୍ଦର ଲାଗେ ସୁନ୍ଦର
ସବୁ ଘରେ ତିନି ରଙ୍ଗ,
ଆମେ ସ୍ୱାଧୀନ ଉଛନ ମନ
ମନରେ ଉଠେ ତରଙ୍ଗ ॥
ପତାକା ଉଡେ ଉତ୍ସାହ ବଢ଼େ
ହସଇ ତନୁ ମନ,
ବଢ଼ାଇ ଖୁସି ଗାଇଲେ ହସି
ଗୀତ 'ଜନ ଗଣ ମନ' ॥
ଜାତୀୟ ସଙ୍ଗୀତ ଭରେ ଉନ୍ମାଦ
ଆଣେ ସିଂହର ବଳ,
ଭାରତ ବାସୀ ଆମେ ସାହସୀ
ନୁହେଁ କେହି ଦୁର୍ବଳ ॥
ଏହି ମାଟିର ସହିଦ ବୀର
ପାଦେ ନୁଆଁଏ ମଥା,
ଇତିହାସର ଲେଖା ଅମର
ସ୍ୱାଧୀନତାର ଗାଥା ॥
ଅହିଂସା ପଥେ ହିଂସାକୁ ସହି
ମହାତ୍ମାଙ୍କ ନୀତିପଥେ,
ନେତାଜୀ ବାଣୀ ହୃଦୟ ଜିଣି
ଅସ୍ତ୍ର ଧରିଲୁ ହାତେ ॥
ହେଲା ସୁଦିନ ହେଲୁ ସ୍ୱାଧୀନ
ଇଂରେଜ ଗଲେ ଛାଡି,
ଲଣ୍ଡା ଫକୀର ହୋଇଲା ବୀର
ହାତରେ ଥିଲା ବାଡ଼ି ॥

**ଦିଲ୍ଲୀପ ଶତପଥୀ**
ନୁଆସାହି, ନୂଆପଲ୍ଲୀ, ଭୁବନେଶ୍ୱର
ମୋ: ୯୪୩୭୧୭୫୭୬୪

# ଭାରତମାତା କୀ ଜୟ

ସ୍ୱାଧୀନ ଆମେ ଭାରତବାସୀ
ସ୍ୱାଧୀନ ଆମ ଦେଶ
ଆମ ଦେଶରୁ ଗୋରା ଶାସନ
ହୋଇଛି ପରା ଶେଷ ॥
ସେଦିନର ସେ କଷଣ-ଦୁଃଖ
ମନୁ ଯାଇନି ଲିଭି
ଅତୀତ କଥା ଭାବିଲେ ମନେ
ଭାସଇ କଳାଛବି ॥
ମନରେ ବାନ୍ଧି ସାହସ କେତେ
ଗୋପ ସୁବାଷ ଗାନ୍ଧୀ
ଗୋଟେ ରଜ୍ଜୁରେ କୋଟି ହୃଦୟ
ଦେଇଥିଲେଟି ଛନ୍ଦି ॥
କଥାର ତାଙ୍କ କାଇଁରୀ ଛୁଆଁ
କଲା ସଭିଙ୍କୁ ବାଇ
ଫିରିଙ୍ଗ ସାଙ୍ଗେ ଲଢ଼ିଲେ ମିଶି
ଅହିଂସା ମବ ଛୁଇଁ ॥
ପରାଧୀନତା ଶୃଙ୍ଖଳୁ ଆମେ
ହୋଇଲି ସବୁ ମୁକ୍ତ
ସ୍ୱାଧୀନ ହେଲା ଭାରତ ଭୂଇଁ
ଶାସନ ଗଣତବ ॥
ପୁଣ୍ୟ ଅଗଷ୍ଟ ପନ୍ଦର ଦିନ
ଅଭୁଲା ସ୍ମରଣୀୟ
ଜାତୀୟ ପର୍ବ ପାଳିବା ଗାଇ
ଭାରତମାତା କୀ ଜୟ ॥

**ନଗେନ୍ଦ୍ରନାଥ ପଟ୍ଟନାୟକ**
ଓସ୍କାର ସିଟି, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୮୩୩୨୧୩୮



# ଚିତାଲାଗି ଅମେଇସା

ବରଷକ ପରେ ଆସୁଅଛି ମିତ
ଚିତାଲାଗି ଅମେଇସା
ଶ୍ରୀମନ୍ଦିରେ ହେବ ତିନି ଦିଅଁଙ୍କର
ରତ୍ନଚିତା ବେଶଭୂଷା ॥
କାଳିଆ ନାଇବେ ହୀରା ଧଳାଚିତା
ଜ୍ୟେଷ୍ଠ ନୀଳା ନୀଳଚିତା
ମାଣିକ୍ୟ ଖଚିତ ନାଲିଚିତା ନାଇ
ଚମକିବେ ମା'ସୁଭଦ୍ରା ॥
ଚିତୋଉ ପିଠାର ମହକ ଛୁଟିବ
ହେବ ପରମ୍ପରା ବିଧି
ଧନୀ ଓ ଦରିଦ୍ର ସଭିଏଁ ପାଳିବେ
ମାନି ଉତ୍କଳର ନୀତି ॥
ନଡ଼ିଆ ଚାଉଳ ବିରି ମିଶ୍ରଣରେ
ବନିବ ଚିତୋଉ ପିଠା
ଛେନା ଗୁଡ଼ ପୁର ବଢ଼ାଇବ ମୋହ
ପାଟିକୁ ଲାଗିବ ମିଠା ॥
ଶ୍ରାବଣର ଏହି ପବିତ୍ର ଦିନରେ
ସଭିଏଁ ହରଷ ମନେ
ଗେଣ୍ଡାଙ୍କୁ କରିବେ ଚିତୋଉ ପ୍ରଦାନ
ମାନି ପରମ୍ପରା ଧ୍ୟାନେ ॥
ପିଠାଦାନ ବେଳେ ଗେଣ୍ଡାକୁ କହିବେ
ଆମ ବିଲରେ ତୁ ଥିବୁ
ଚାଷ କାମ ବେଳେ ବାପା ଭାଇଙ୍କର
ଗୋଡ଼ କେବେ ନକାଟିବୁ ॥
କେଉଁ ପୁରାକାଲୁ ପାଳି ଆସୁଅଛୁ
ଆମେ ଏ ମହାନ ପର୍ବ
ବିଶ୍ୱାସରେ ଭରା ସବୁଠୁ ନିଆରା
ଆମ ରାଇଜର ଗର୍ବ ॥

**ରାମଚନ୍ଦ୍ର ବେବେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

# ମେଘରେ ମେଘ ଝରେଇ ଦେ


ମେଘରେ ମେଘ ତୁ ଝରେଇ ଦେ
ଆମ ଗାଆଁ ଆଡ଼େ ଆସି
ତୋତେ ଦେଖି ଖୁସି ତ ହେବେ
ଆମ ଗ୍ରାମ ଅଧିବାସୀ ॥
ଚାଷୀଭାଇଟି ତ କରିବ ଚାଷ
ଗହୀର ବିଲକୁ ଯାଇ
ରାମଲଇଖଣ ଗୀତକୁ ଦେବ
ରହି ରହି ସିଏ ଗାଇ ॥
କେଉଟ ସାହିର ସନିଆ ବୁଢ଼ା
ଧରିବ ଖେଳେଇ ଜାଲ
ଦରାଣ୍ଡୁଥିବ ସେ ଶେଉଳ, କଉ
ଯେଉଁଠି ଗାଡ଼ିଆ, ଖାଲ ॥
ମୟୂର ନାଚିବ ଜାମୁ ପାଚିବ
ଫୁଟିବରେ ବାଲିଛତୁ
ଇନ୍ଦ୍ରଧନୁ ଦେଖି ହେବେ କେତେ ଖୁସି
ଘୁଡୁ, ଘନ, ବନ, ଘତୁ ॥
ମେଘରେ ମେଘ ତୁ ଝରେଇ ଦେଏ
ଖୋଲି ଦେବୁ ଆମେ ଛତା
ଛନଛନିଆ ତ ଦିଶିବ ଏବେ
ଅଛି ଯେତେ ତରୁ ଲତା ॥


**ନୀଳମଣି ଚାନ୍ଦ**
ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭

# ବୋଲବମ ଯିବା ନ କର ଡେରି

ଶିରାବଣ ମାସ ଆସିଛି ଫେରି
ବୋଲବମ ଯିବା ନ କରି ଡେରି
କାଉଡ଼ି କାନ୍ଧରେ ଧର
ଜପୁଥିବା ହରହର
ମହାଦେବଙ୍କର କୃପା ବରଷିବ
ନ ଥିବ କାହାକୁ ଡ଼ର ॥
ଶନିବାର ନଦୀ ଘାଟକୁ ଯିବା
ଭକତି ଭାବରେ ସେଦିନ ଥିବା
କାଉଡିଆ ବେଶ ଧରି
କଳସୀରେ ଜଳ ଭରି
ବ୍ରାହ୍ମଣ ଗୋସାଇଁ ପୂଜା କରିଦେବେ
ମନ୍ତ୍ର ପାଠ କରିକରି ॥
କାଉଡିକୁ ଆମେ କାନ୍ଧରେ ବହି
'ହରହର ଶମ୍ଭୁ' ଉଚ୍ଚରେ କହି
ଛାଡ଼ି ନଦୀକୂଳ ଘାଟ
ଚାଲିବା ଏଣିକି ବାଟ
ଶିବ ନାମେ ଜୟଧ୍ୱନି ଦେଉଥିବା
ଡାକିବା ସଙ୍କଟ କାଟ ॥
ସ୍ଥାନେସ୍ଥାନେ ଟିକେ ବିଶ୍ରାମ ନେବା
ତା'ସାଥେ ଚାଲିବ ପ୍ରସାଦ ସେବା
ଶିବ ପଦେ ରଖି ଲୟ
ମନରେ ନ ରଖି ଭୟ
ରାତି ଅନ୍ଧାରରେ ବାଟ ବି ଚାଲିବା
ଏହିକଥା ପରା ଥୟ ॥
ସୋମବାରେ ଜଳ କରିବା ଲାଗି
ଶିବଙ୍କ ଆଶିଷ ଆଣିବା ମାଗି
ଆମେ ଛୋଟ ଭକ୍ତଗଣ
ପ୍ରଣମିବା ଜଣଜଣ
କହିବା ଠାକୁରେ ଫିସନ ଆସିବୁ
ଆସିଗଲେ ଶିରାବଣ ॥

**ନିରଞ୍ଜନ ସାହୁ**
ନିହଲ ପ୍ରସାଦ, ଗଁଦିଆ ପାଟଣା,
ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩





ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର



# ଫେୟାର ହେୟାର କଟ

**ପ୍ରତ୍ୟେକ ମଣିଷଙ୍କ ମୁହଁର ଗଠନ ଅଲଗା ଅଲଗା ହୋଇଥାଏ। ତେଣୁ ନିଜ ମୁହଁର ଆକାର ଅନୁସାରେ ହେୟାରକଟ୍ ବାଛିଲେ ଏହା ଆପଣଙ୍କ ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇଥାଏ। ହେଲେ ଅନେକ ସମୟରେ ଦ୍ୱନ୍ଦ୍ୱଥାଏ କି କେଉଁ ଫେସକୁ କେଉଁ ହେୟାର କଟ**

## ଓଭାଲ୍

ଏହି ପ୍ରକାରର ମୁହଁ ଓସାର ତୁଳନାରେ ଲମ୍ବ ଅଧିକ ଥାଏ ଏବଂ କପାଳ ତୁଳନାରେ ଗାଲ ଟିକିଏ ସରୁ ଥାଏ। ଏହି ଫେସ ପାଇଁ କାନ୍ଧ ଯାଏଁ ଲମ୍ବ ଥିବା ଲେୟାର କଟ୍, ବ୍ଲଣ୍ଟ ବବ୍ କଟ୍ , ଗୋଟିଏ ପାଖକୁ ଢଳି ରହିଥିବା କେଶ, ହାଇ ପୋନିଟେଲ୍ କିମ୍ବା ଓପନ୍ ହାଫ୍-ଅପ୍ ଷ୍ଟାଇଲ୍ ଖୁବ ମାନିବ। ମୁହଁକୁ ଘୋଡ଼ାଇ ରଖୁଥିବା ଅଧିକ ମୋଟା ସିଧା ବ୍ୟାଙ୍ଗ୍ସ କାଟନ୍ତୁ ନାହିଁ, ଏହା ମୁହଁକୁ ଛୋଟ ଦେଖାଏ।

## ହାର୍ଟ ସେପ

ଏହିପରି ମୁହଁର କପାଳ ଓ ଗାଲ ଓସାରିଆ ଥାଏ ଏବଂ ଚିବୁକ ବା ଥୋଡି ସରୁ କିମ୍ବା ମୁନିଆ ହୋଇଥାଏ। ଏହି ଫେସ ପାଇଁ କାନ୍ଧ ଯାଏଁ ଥିବା ଲବ୍ କଟ୍, ଯାହା ତଳ ଭାଗକୁ ଓସାରିଆ ଦେଖାଇବାରେ ସାହାଯ୍ୟ କରେ। ସେହିପରି ଗୋଟିଏ ପାଖକୁ ସାଇଡ୍ ପାର୍ଟ କରି କେଶକୁ ତଳକୁ ଲହରାଇବା ଖୁବ ମାନିଥାଏ। କର୍ଟେନ୍ ବ୍ୟାଙ୍ଗ୍ସ କିମ୍ବା ଲଙ୍ଗ୍ ଲେୟାର୍ସ ଭଲ ମାନିବ।

## ୩ ସ୍କୋୟାର ସେପ

ସ୍କୋୟାର ସେପରେ କପାଳ, ଗାଲ ଓ ଜ ଲାଇନ ସବୁ ସମାନ ଓସାରର ହୋଇଥାଏ ଏବଂ ମୁହଁର ଗଠନ ସ୍ପଷ୍ଟ ଓ ସିଧା ଦେଖାଯାଏ। ଏହି ମୁହଁ ପାଇଁ ସ୍ଫଟ୍ ସାଇଡ୍-ସ୍ୱେପ୍ଟ ବ୍ୟାଙ୍ଗ୍ସ ଭଲ ମାନିବ । ସେହିଭଳି ଲମ୍ବା କେଶରେ ଲେୟାର୍ସ ଏବଂ ହାଲୁକା ୱେଭ୍ କିମ୍ବା କର୍ଲ ଏକ ଷ୍ଟାଇଲିସ ଲୁକ କ୍ରିଏଟ କରିବ । କର୍ଟେନ୍ ବ୍ୟାଙ୍ଗ୍ସ ମଧ୍ୟ ଟ୍ରାଏ କରିପାରିବେ ।

## ରାଉଣ୍ଡ ଫେସ

ଏହି ପ୍ରକାର ମୁହଁର ଲମ୍ବ ଓ ଓସାର ପ୍ରାୟ ସମାନ ଥାଏ ଏବଂ ଗାଲଗୁଡ଼ିକ ଗୋଲାକାର ଓ ନରମ ଦେଖାଯାଏ। ଏହି ମୁହଁ ପାଇଁ ଗୋଟିଏ ପାଖକୁ ସାଇଡ୍ ପାର୍ଟ କରିବା ଖୁବ ମାନିଥାଏ । ସେହିଭଳି ଏହି ଫେସର ଝିଅଙ୍କୁ ହାଇପୋନିଟେଲ୍ ଖୁବ ମାନିଥାଏ। ଏମାନେ ଲମ୍ବା ଲେୟାର୍ସ ଏବଂ ସାଇଡ୍ କର୍ଟେନ୍ ବ୍ୟାଙ୍ଗ୍ସ କରିପାରିବେ । ଉପର ଭାଗରେ ଭଲ ଭଲ୍ୟୁମ୍ ଥିବା ପିକ୍ସି କଟବି ଏମାନଙ୍କୁ ମାନିଥାଏ ।

## ଲଙ୍ଗ ଫେସ

ଏହା ଓଭାଲ୍ ମୁହଁ ଭଳି, କିନ୍ତୁ ଏହାର ଲମ୍ବ ଓସାର ତୁଳନାରେ ଯଥେଷ୍ଟ ଅଧିକ ଥାଏ। ଏମାନଙ୍କ କେଶରେ କର୍ଲ କିମ୍ବା ୱେଭ୍ସ , ଯାହା ଦୁଇପାଖକୁ ଓସାରିଆ ଦେଖାଏ। କପାଳକୁ ଘୋଡ଼ାଉଥିବା ବ୍ଲଣ୍ଟ କିମ୍ବା ସାଇଡ୍ ବ୍ୟାଙ୍ଗ୍ସ, ଯାହା ମୁହଁର ଲମ୍ବକୁ କମ୍ ଦେଖାଏ। ସେହିଭଳି କାନ୍ଧ କିମ୍ବା ଗାଲ ଯାଏଁ ଥିବା ମିଡ ଲେନ୍ଥ କଟ ମଧ୍ୟ ଖୁବ ମାନିବ ।










# ଏସିଆର ପ୍ରଥମ

**ଛୋଟବେଳୁ ବିଭିନ୍ନ ଶିଶୁଙ୍କର ଭିନ୍ନଭିନ୍ନ ସ୍ୱପ୍ନ ଥାଏ । ଯେଉଁ ସ୍ୱପ୍ନକୁ ପୂରଣ କରିବାକୁ ସେମାନେ କଠିନ ପରିଶ୍ରମ କରନ୍ତି । ସେହିଭଳି ଜଣେ ବାଳକ ହେଲେ ଅଭିନବ ସୁଜିତ, ଯିଏ ମାତ୍ର ୧୪ ବର୍ଷ ବୟସରେ ପାଲଟିଛନ୍ତି ଏସିଆର ପ୍ରଥମ ସୋଲୋ ଗ୍ଲାଇଡର ପାଇଲଟ । ଯାହା ତାଙ୍କୁ ବର୍ତ୍ତମାନ ବେଶ ଚର୍ଚ୍ଚାରେ ରଖିଛି ।**

"ଉଡ଼ିବା ମୋତେ ଶାନ୍ତି, ପ୍ରକୃତି ସହ ଯୋଡ଼ିହେବାର ଅନୁଭୂତି ଏବଂ ଆମ ଉପରେ ଥିବା ଆକାଶ ବିଷୟରେ ଜାଣିବାର ଉତ୍ସୁକତା ଦେଇଥାଏ," ଏହା କହିଲା ବେଳେ ୧୪ ବର୍ଷୀୟ ଅଭିନବ ସୁଜିତ୍‌ଙ୍କ ଆଖିରେ ଏକ ଅଲଗା ପ୍ରକାରର ଚମକ ଦେଖାଯାଏ । ବିମାନ ଚାଳନା ଏବେ ତାଙ୍କ ଜୀବନର ଲକ୍ଷ୍ୟ ପାଲଟିଯାଇଛି । ନଭେମ୍ବର ୨୦୨୧ରେ ତାଙ୍କ ପରିବାର ଚେନ୍ନାଇରୁ ୟୁକେ ସ୍ଥାନାନ୍ତରିତ ହେବାପରେ ତାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଥିଲା । ତେବେ ଏହି ସ୍ୱପ୍ନର ଆରମ୍ଭ ହୋଇଥିଲା ଚେନ୍ନାଇର ଇଷ୍ଟ କୋଷ୍ଟ ରୋଡ୍‌ରେ, ଯେତେବେଳେ ଅଭିନବଙ୍କୁ ମାତ୍ର ୮ ବର୍ଷ ବୟସ ହୋଇଥିଲା । ସମୁଦ୍ର କୂଳରେ ଗୋଟିଏ ଛୋଟ ପାରାଗ୍ଲାଇଡିଂ ରାଇଡ୍ ତାଙ୍କ ମନରେ ଏକ ଗଭୀର ଛାପ ଛାଡ଼ିଥିଲା । "ଉପରୁ ସମୁଦ୍ର କୂଳ ଦେଖିବାର ସେହି ମୁହୂର୍ତ୍ତ ମୋର ଏବେ ବି ମନେ ଅଛି, ମୁଁ ପାଇଲଟ୍‌ଙ୍କୁ କହିଥିଲି ଯେ ମୁଁ ଆହୁରି ଉପରକୁ ଯିବାକୁ ଚାହୁଁଛି ଯେପରି ବାଦଲଗୁଡ଼ିକୁ ଦେଖିପାରିବି," ଏହି ସ୍ମୃତି ତାଙ୍କର ଏବେ ବି ମନେ ରହିଛି । ସେହିଦିନଠାରୁ ସେ ଘଣ୍ଟା ଘଣ୍ଟା ଧରି ବିମାନ ଓ ଗ୍ଲାଇଡର କିପରି ଆକାଶରେ ଉଡ଼ନ୍ତି, ସେ ବିଷୟରେ ଭିଡିଓ ଏବଂ ଡକ୍ୟୁମେଣ୍ଟାରୀ ଦେଖୁଥିଲେ । ନଭେମ୍ବର ୨୦୨୧ରେ ବାପାଙ୍କ ଚାକିରି ପାଇଁ ପରିବାର ୟୁକେକୁ ସ୍ଥାନାନ୍ତରିତ ହେବା ପରେ କେଣ୍ଟର ଏକ ସ୍ଥାନୀୟ ଗ୍ଲାଇଡିଂ କ୍ଲବ୍‌ରେ ଦୁଇ ସିଟ୍ ବିଶିଷ୍ଟ ସେଲ୍‌ପ୍ଲେନ୍‌ରେ ଏକ ଟ୍ରାଏଲ୍ ଫ୍ଲାଇଟ୍ ଅଭିନବଙ୍କୁ ଏହି ଖେଳ ସହ ପରିଚିତ କରାଇଥିଲା । ବିନା ଇଞ୍ଜିନ୍‌ରେ ଆକାଶରେ ଉଡୁଥିବା 'ଗ୍ଲାଇଡିଂ' କଳା ପାଇଁ ପବନର ତରଙ୍ଗକୁ ବୁଝିବା, ଆକାଶକୁ ଧ୍ୟାନର ସହ ଦେଖିବା ଏବଂ ଧୈର୍ଯ୍ୟ ରଖିବା ନିହାତି ଆବଶ୍ୟକ । କ୍ଲବ୍‌ର ପ୍ରଶିକ୍ଷକ ଗାଭିନ୍‌ଙ୍କ ମାର୍ଗଦର୍ଶନରେ ଅଭିନବ ଉଡ଼ାଣ ଭରିବା, ଅବତରଣ କରିବା ଏବଂ ସୁରକ୍ଷା ନିୟମାବଳୀ ଶିଖିଥିଲେ । ତାଲିମ ସମୟରେ ଥରେ ଲଞ୍ଚ ବେଳେ ଦଉଡ଼ି ଭାଙ୍ଗିଯିବାରୁ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଥିଲେ ବି ସେ ବିଚଳିତ ନହୋଇ ଅତ୍ୟନ୍ତ ଶାନ୍ତ ଓ ଏକାଗ୍ରତା ପ୍ରଦର୍ଶନ କରିଥିଲେ । ତେବେ ନବମ ଶ୍ରେଣୀରେ ପଢୁଥିବା ଅଭିନବଙ୍କ ପାଇଁ ପାଠପଢ଼ା ସବୁବେଳେ ପ୍ରାଥମିକତା ହୋଇ ରହିଥିଲା । ତେଣୁ ଛୁଟିରେ ସେ ସମ୍ପୂର୍ଣ୍ଣ ସମୟ ଏୟାରଫିଲ୍ଡରେ ବିତାଉଥିଲେ । ପରିବାର ଲୋକଙ୍କ ସମର୍ପଣ ଏବଂ ଅଭିନବଙ୍କ ୩ ବର୍ଷର କଠିନ ପରିଶ୍ରମ ପରେ, ୬ ଅକ୍ଟୋବର ୨୦୨୫ ରେ, ୧୪ ବର୍ଷ ବୟସ ହେବାର ମାତ୍ର ଦୁଇ ଦିନ ପରେ, ତାଙ୍କୁ ତାଙ୍କର ପ୍ରଥମ ସୋଲୋ ବା ଏକାକୀ ଉଡ଼ାଣ ପାଇଁ ଅନୁମତି ମିଳିଥିଲା । ୟୁକେ ନିୟମାନୁସାରେ ୧୪ ବର୍ଷ ହେଉଛି ଏକାକୀ ଗ୍ଲାଇଡର୍ ଉଡ଼ାଇବାର ସର୍ବନିମ୍ନ ବୟସ । ଏହି ଅସାଧାରଣ ସଫଳତା ପାଇଁ ଏରୋ କ୍ଲବ୍ ଅଫ୍ ଇଣ୍ଡିଆ ତାଙ୍କୁ ଏସିଆର ସବୁଠାରୁ କନିଷ୍ଠ ସୋଲୋ ଗ୍ଲାଇଡର୍ ପାଇଲଟ୍ ଭାବରେ ସ୍ୱୀକୃତି ଦେବା ସହ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା କରିବା ପାଇଁ ଏଫଏଆଇ ସ୍ପୋର୍ଟିଂ ଲାଇସେନ୍ସ ପ୍ରଦାନ କରିଛି । ଆଗାମୀ ଦିନରେ 'ବ୍ରୋଞ୍ଜ୍ ବ୍ୟାଜ୍' ହାସଲ କରି ଆନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରଖିଥିବା ଅଭିନବ ସୁଜିତ୍ ଆଜିର ଯୁବପିଢ଼ି ପାଇଁ ଏକ ଯୁଗାନ୍ତକାରୀ ପ୍ରେରଣା ପାଲଟିଛନ୍ତି ।






# ବୁଦ୍ଧିଆ କାଉ

**ଆଈ ମା କାହାଣୀରେ ଖୁବ ସୁନ୍ଦର ଭାବେ ଛୋଟଛୋଟ କଥାକୁ ବୁଝା ଯାଇଥାଏ । ଯାହା ଆମକୁ ଜୀବନର ଖୁବ ବଡବଡ କଥାକୁ କାହାଣୀ ମାଧ୍ୟମରେ ବୁଝାଇଥାଏ । ଏହା ପିଲାଙ୍କର ମନୋରଞ୍ଜନ କରିବା ସହ ବୁଦ୍ଧି ମଧ୍ୟ ବଢାଇଥାଏ ।**

ଗୋଟିଏ ବଡ଼ ଓ ସୁନ୍ଦର ଜଙ୍ଗଲ । ସେହି ଜଙ୍ଗଲରେ ଗୋଟିଏ ବଡ଼ ଆମ୍ବଗଛ ଉପରେ 'କାଲୁ' ନାମକ ଏକ ବୁଦ୍ଧିମାନ୍ କାଉ ରହୁଥିଲା । ସେହି ଗଛ ତଳେ 'ଜଗୁ' ନାମକ ଏକ ଭାରି ଦୁଷ୍ଟ ଓ ବଳବାନ୍ ମାଙ୍କଡ଼ ମଧ୍ୟ ରହୁଥିଲା । ଜଗୁ ମାଙ୍କଡ଼ ନିଜ ଶରୀରର ବଳକୁ ନେଇ ଭାରି ଗର୍ବ କରୁଥିଲା । ସେ ଜଙ୍ଗଲର ଅନ୍ୟ ଛୋଟ ଛୋଟ ଚଢ଼େଇ ଓ ଜୀବଜନ୍ତୁଙ୍କୁ ସଦାବେଳେ ହଇରାଣ କରୁଥିଲା ଏବଂ ସେମାନଙ୍କ ଖାଦ୍ୟ ଛଡ଼ାଇ ଖାଇଦେଉଥିଲା । ଦିନକର କଥା, କାଲୁ କାଉ ସକାଳୁ ଆହାର ଖୋଜିବାକୁ ବାହାରିଗଲା । ବହୁତ ଖୋଜାଖୋଜି କରିବା ପରେ ତାକୁ ଗୋଟିଏ ଗାଁ ପାଖ ବଗିଚାରୁ ଏକ ବଡ଼ିଆ, ପାଚିଲା ଓ ମିଠା କଦଳୀଟିଏ ମିଳିଲା । କାଉଟି ଭାରି ଖୁସି ହୋଇ ସେହି କଦଳୀଟିକୁ ନିଜ ଥଣ୍ଟରେ ଉଠାଇ ଆଣି ନିଜ ଗଛ ଡାଳରେ ବସିଲା । ସେ ଭାବିଲା, "ଆଜି ବହୁତ ଦିନ ପରେ ଏତେ ମିଠା କଦଳୀଟିଏ ମିଳିଛି, ଏହାକୁ ଶାନ୍ତିରେ ବସି ଖାଇବି ।" ସେହି ସମୟରେ ତଳେ ବସିଥିବା ଜଗୁ ମାଙ୍କଡ଼ର ନଜର କାଉର କଦଳୀ ଉପରେ ପଡ଼ିଗଲା । ପାଚିଲା କଦଳୀଟିକୁ ଦେଖି ମାଙ୍କଡ଼ ପାଟିରୁ ଲାଳ ବୋହିଗଲା । ସେ ମନେ ମନେ ଭାବିଲା, "ଏହି ଛୋଟ କାଉଟି ଏତେ ସୁନ୍ଦର କଦଳୀ କାହିଁକି ଖାଇବ? ଏହାକୁ ତ ମୁଁ ଖାଇବି!" ଏହା ଭାବି ଜଗୁ ଡେଇଁ ଡେଇଁ କାଉ ବସିଥିବା ଡାଳ ପାଖକୁ ଗଲା । ସେ କାଉକୁ ଡରାଇ କହିଲା, "ଏଇ କାଉ! ଏହି କଦଳୀଟି ମୋତେ ଦେଇଦେ, ନଚେତ୍ ମୁଁ ତୋ ଗଛ ବସାଟିକୁ ଭାଙ୍ଗି ଫିଙ୍ଗିଦେବି!" କାଉଟି ବୁଝିଗଲା ଯେ ମାଙ୍କଡ଼ ସହ ଶାରୀରିକ ବଳରେ ସେ ଜିତିପାରିବ ନାହିଁ । ଯଦି ସେ ଜିଦ୍ କରେ, ମାଙ୍କଡ଼ ତାକୁ ମାରିଦେବ କିମ୍ବା କଦଳୀଟିକୁ ବଳପୂର୍ବକ ଛଡ଼ାଇ ନେବ । ତେଣୁ କାଉଟି ଆଦୌ ନଡରି ଧୈର୍ଯ୍ୟର ସହ ନିଜ ବୁଦ୍ଧି ଖଟାଇବାକୁ ନିଷ୍ପତ୍ତି ନେଲା ।



କାଉଟି କହିଲା, "ଅରେ ଜଗୁ ଭାଇ ! ତୁମେ ଏହି ଗୋଟିଏ ଛୋଟ କଦଳୀ ପାଇଁ କାହିଁକି ରାଗୁଛ ? ମୁଁ ତୁମକୁ ଏକ ବଡ଼ ସୂଚନା ଦେବାକୁ ଯାଉଥିଲି । ଜଙ୍ଗଲର ଅପରପାର୍ଶ୍ୱରେ ଥିବା ଚାଷୀର ବଗିଚାରେ କଦଳୀ ଗଛଗୁଡ଼ିକରେ ହଜାର ହଜାର ପାଚିଲା କଦଳୀ ଝୁଲୁଛି । ଅନ୍ୟ ମାଙ୍କଡ଼ମାନେ ସେଠାକୁ ଯାଇ ସବୁ କଦଳୀ ଖାଇବା ଆରମ୍ଭ କଲେଣି । ତୁମେ ଯଦି ଏବେ ନଯିବ, ତେବେ ତୁମ ପାଇଁ କିଛି ବି ବଞ୍ଚିବ ନାହିଁ !"

ଲୋଭୀ ମାଙ୍କଡ଼ଟି କାଉର ଏହି କଥା ଶୁଣି ଭାରି ବ୍ୟାକୁଳ ହୋଇଗଲା । ସେ ଭାବିଲା, "ଏହି ଗୋଟିଏ ଛୋଟ କଦଳୀ ବଦଳରେ ଯଦି ମୋତେ ଶହ ଶହ ମିଠା କଦଳୀ ମିଳିଯିବ, ତେବେ ମୁଁ ସେଠାକୁ କାହିଁକି ଯିବି ନାହିଁ ?" ଏହା ଭାବି ଜଗୁ ମାଙ୍କଡ଼ କାଉକୁ ନିଜର ଦୁଷ୍ଟାମି ଦେଖାଇବା ଛାଡ଼ି, ବିନା ବିଳମ୍ବରେ ଜଙ୍ଗଲର ଆରପାରିକୁ ଜୋରସେ ଦୌଡ଼ିବାକୁ ଲାଗିଲା । ମାଙ୍କଡ଼ଟି ଆଖିପାଖରୁ ଦୂରେଇ ଯିବା କ୍ଷଣି, ଚତୁର କାଉଟି ହସିଦେଲା । ସେ ଗଛ ଡାଳରେ ନିଶ୍ଚିନ୍ତରେ ବସି ଆନନ୍ଦର ସହ ସେହି ମିଠା କଦଳୀଟିକୁ ଖାଇସାରି ଆକାଶରେ ଉଡ଼ିଗଲା । ସେପଟେ ଦୁଷ୍ଟ ମାଙ୍କଡ଼ଟି ଜଙ୍ଗଲ ଆରପାଖରେ ପହଞ୍ଚି ଦେଖିଲା ଯେ ସେଠାରେ କୌଣସି କଦଳୀ ବଗିଚା ନାହିଁ । ସେତେବେଳକୁ ସେ ବୁଝିପାରିଲା ଯେ କାଉଟି ତାକୁ ନିଜ ବୁଦ୍ଧି ବଳରେ ମୂର୍ଖ ବନେଇଦେଇଛି । ଏହି କାହାଣୀରୁ ଆମକୁ ଏହି ଶିକ୍ଷା ମିଳେ ଯେ, କଠିନ କିମ୍ବା ବିପଦ ସମୟରେ ଡରି ନଯାଇ ଧୈର୍ଯ୍ୟ ଓ ବୁଦ୍ଧିମତ୍ତାର ସହ କାମ କରିବା ଉଚିତ୍ । ଶାରୀରିକ ବଳ ଅପେକ୍ଷା ମୁଣ୍ଡର ବୁଦ୍ଧି ସଦାସର୍ବଦା ଅଧିକ ଶକ୍ତିଶାଳୀ ହୋଇଥାଏ ।



# କ୍ରିକେଟରରୁ ସରକାରୀ ବାବୁ

**ଭାରତୀୟ କ୍ରିକେଟ ଦଳର ୱିକେଟକିପର-ବ୍ୟାଟର ଇଶାନ କିଶନଙ୍କ ସ୍ପେଶାଲ୍ ଫଟୋ ଏବେ ଖୁବ୍ ଭାଇରାଲ୍ ହେଉଛି । ଯେଉଁଥିରେ ସେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଇ-କାର୍ଡ ପକାଇ ବ୍ୟାଙ୍କ ଷ୍ଟାଫଙ୍କ ସହ ଫଟୋ ଉଠାଇଛନ୍ତି । ଯାହାକୁ ନେଇ ତାଙ୍କର ଆରବିଆଇ ଚାକିରି କଥା ଖୁବ୍ ଚର୍ଚ୍ଚା ହେଉଛି । ଲୋକେ କହୁଛନ୍ତି ଇଶାନ କିଶନ କ୍ରିକେଟ ଖେଳିବା ସହ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଚାକିରି କରୁଛନ୍ତି ।**

ଫାଇନାନ୍ସିଆଲ ଏକ୍ସପ୍ରେସରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଇଶାନ କିଶନ ୨୦୧୭ ମସିହାରୁ ଆରବିଆଇରେ ସ୍ପୋର୍ଟ୍ସ କୋଟାରେ ଚାକିରି କରିଛନ୍ତି । ତାଙ୍କୁ ଆସିଷ୍ଟାଣ୍ଟ ମ୍ୟାନେଜର ପଦରେ ନିଯୁକ୍ତି ମିଳିଛି । ଏହି ବ୍ୟବସ୍ଥା ଅଧୀନରେ ଉଲ୍ଲେଖନୀୟ କ୍ରୀଡ଼ାବିତମାନଙ୍କୁ ସଂସ୍ଥା ପକ୍ଷରୁ ଚାକିରି ଦିଆଯାଇଥାଏ, ଯାହାଦ୍ୱାରା ସେମାନେ ନିଜର କ୍ରୀଡ଼ାଜୀବନ ଜାରି ରଖିବା ସହ ସଂସ୍ଥାକୁ ମଧ୍ୟ ପ୍ରତିନିଧିତ୍ୱ କରିଥାନ୍ତି ।

ଭାଇରାଲ ହୋଇଥିବା ଫଟୋଗୁଡ଼ିକ ପାଟନା କାର୍ଯ୍ୟାଳୟରେ ଉଠାଯାଇଥିବା କୁହାଯାଉଛି । ଏହାପରେ ଆରବିଆଇ କିପରି କ୍ରୀଡ଼ାବିତମାନଙ୍କୁ ନିଯୁକ୍ତି ଦିଏ ଏବଂ ଏପରି ପଦବୀର ଦାୟିତ୍ୱ କ'ଣ ରହିଥାଏ ? ଆଦି ଏସବୁ ଘଟଣା ନେଇ ଲୋକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି । ୨୦୧୭ରେ ସ୍ପୋର୍ଟ୍ସ କୋଟାରେ ଯୋଗ ଦେଇଥିଲେ ଇଶାନ କିଶନ । ରିପୋର୍ଟ ଅନୁଯାୟୀ, ଯେତେବେଳେ ଇଶାନ କିଶନ ଭାରତର ଜଣେ ପ୍ରତିଭାଶାଳୀ ଯୁବ କ୍ରିକେଟର ଭାବେ ଉଭା ହେଉଥିଲେ, ସେତେବେଳେ ତାଙ୍କୁ ଏହି ନିଯୁକ୍ତି ମିଳିଥିଲା । ବିହାରରରୁ ଆସୁଥିବା ଏହି ବାମହାତୀ ବ୍ୟାଟର ସେତେବେଳେ ଘରୋଇ କ୍ରିକେଟରେ ନିଜର ପରିଚୟ ସୃଷ୍ଟି କରିସାରିଥିଲେ ଏବଂ ଟେଷ୍ଟ ଟିମରେ ମଧ୍ୟ ଭଲ ପ୍ରଦର୍ଶନ କରୁଥିଲେ । ଏହି ସମୟରେ ତାଙ୍କୁ ଆରବିଆଇ ନିଯୁକ୍ତି ଦେଇଥିଲା । ହେଲେ ଏଥିପାଇଁ ତାଙ୍କୁ ସାଧାରଣ ପ୍ରତିଯୋଗିତାମୂଳକ ନିଯୁକ୍ତି ପରୀକ୍ଷା ଦେବାକୁ ପଡ଼ି ନଥିଲା । ବରଂ ସ୍ପୋର୍ଟ୍ସ କୋଟା ଅଧୀନରେ ସେ ନିଯୁକ୍ତି ପାଇଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କ, ଦେଶର ଅନେକ ସରକାରୀ ସଂସ୍ଥା ଓ ପବ୍ଲିକ ସେକଫର ସଂସ୍ଥା ପରି ବିଭିନ୍ନ କ୍ରୀଡ଼ା କ୍ଷେତ୍ରର ଶ୍ରେଷ୍ଠ କ୍ରୀଡ଼ାବିତମାନଙ୍କୁ ନିଯୁକ୍ତି ଦେଇ ସଂସ୍ଥାର କ୍ରୀଡ଼ା ଦଳକୁ ସୁଦୃଢ଼ କରିବା ସହ ସେମାନଙ୍କ କ୍ରୀଡ଼ାଜୀବନକୁ ସପୋର୍ଟ କରିଥାଏ । ସେହି ଦୃଷ୍ଟିରୁ ଇଶାନ କିଶନ ମଧ୍ୟ ଚାକିରି ପାଇଥିଲେ । ସେହି ନିଯୁକ୍ତି ପରଠାରୁ ଇଶାନ କିଶନ ରିଜର୍ଭବ୍ୟାଙ୍କରେ ଆସିଷ୍ଟାଣ୍ଟ ମ୍ୟାନେଜର ପଦବୀରେ ରହିଛନ୍ତି ଏବଂ କ୍ରିକେଟ ସହ ଚାକିରି ଜାରି ରଖିଛନ୍ତି ।

## ସ୍ପୋର୍ଟ୍ସ କୋଟା କ'ଣ ?

ଆରବିଆଇ ସମୟ ସମୟରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତମାଙ୍କୁ ନିଯୁକ୍ତି ଦେଇଥାଏ । ସାଧାରଣ ନିଯୁକ୍ତିରେ ପ୍ରାର୍ଥୀମାନଙ୍କୁ ଲିଖିତ ପରୀକ୍ଷା ଓ ସାକ୍ଷାତକାର ଦେବାକୁ ପଡୁଥିବା ବେଳେ, ସ୍ପୋର୍ଟ୍ସ କୋଟା ନିଯୁକ୍ତିରେ ପ୍ରାର୍ଥୀଙ୍କ କ୍ରୀଡ଼ା ସଫଳତା, ଯୋଗ୍ୟତା ଏବଂ ସ୍ୱୀକୃତ





ପ୍ରତିଯୋଗିତାରେ ପ୍ରଦର୍ଶନକୁ ପ୍ରାଥମିକତା ଦିଆଯାଏ। ଦେଶର ଅନେକ ସରକାରୀ ବିଭାଗ, ପବ୍ଲିକ ସେକ୍ଟର ଉଦ୍ୟୋଗ ଏବଂ ଆର୍ଥିକ ସଂସ୍ଥାମାନେ ମଧ୍ୟ ଏଭଳି ନିଯୁକ୍ତି ବ୍ୟବସ୍ଥା ଅନୁସରଣ କରନ୍ତି। ଏହାଦ୍ୱାରା କ୍ରୀଡ଼ାବିତମାନେ ନିଜ କ୍ରୀଡ଼ା ଜୀବନ ଜାରି ରଖିବା ସହ ଏକ ସ୍ଥାୟୀ ଚାକିରିର ସୁରକ୍ଷା ମଧ୍ୟ ପାଇଥାନ୍ତି। ଇଶାନ କିଶନଙ୍କ ନିଯୁକ୍ତି ମଧ୍ୟ ଏହି ବ୍ୟବସ୍ଥା ଅନ୍ତର୍ଗତ।

## ଆରବିଆଇ ପକ୍ଷରୁ ଖେଳିଛନ୍ତି କି ?

ଆରବିଆଇର ୱାର୍କି କର୍ମଚାରୀଙ୍କର ଏକ କ୍ରିକେଟ ଟିମ ରହିଛି। ଇଶାନ କିଶନ ମଧ୍ୟ ଏହି ଟିମରେ ଖେଳିଛନ୍ତି। ଇଶାନ କେବଳ ସେଠାରେ ଚାକିରି କରନ୍ତି ନାହିଁ, ବରଂ ସୁଯୋଗ ମିଳିଲେ କ୍ରିକେଟ ଦଳକୁ ମଧ୍ୟ ପ୍ରତିନିଧିତ୍ୱ କରନ୍ତି। ବିଶେଷକରି ୨୦୨୪ରେ ସେ ଡିଆଇ ପାଟିଲ ଟି-୨୦ ଟୁର୍ଣ୍ଣାମେଣ୍ଟରେ ଦଳ ପକ୍ଷରୁ ଖେଳିଥିଲେ। ଭାରତର ଅନ୍ୟ କ୍ରିକେଟରଙ୍କ ପରି ସେ ମଧ୍ୟ ଅନ୍ତର୍ଜାତୀୟ କିମ୍ବା ଘରୋଇ କ୍ରିକେଟରୁ ଅବସର ମିଳିଲେ ନିଜର ସଂସ୍ଥାଗତ ଦାୟିତ୍ୱ ନିର୍ବାହ କରନ୍ତି।

## ଇଶାନଙ୍କ ଦରମା କେତେ ?

ସରକାରୀ କ୍ଷେତ୍ରର ସବୁଠାରୁ ଆକର୍ଷଣୀୟ ବେତନ ପ୍ୟାକେଜ ମଧ୍ୟରୁ ଆରବିଆଇ ଆସିଷ୍ଟାଣ୍ଟ ମ୍ୟାନେଜର (ଗ୍ରେଡ୍-ଅ) ପଦବୀ ଚାକିରି ବି ରହିଛି। ଏଥିରେ କର୍ମଚାରୀଙ୍କୁ ମୋଟା ଅଙ୍କର ଦରମା ମିଳେ। ରିପୋର୍ଟ ଅନୁସାରେ ଏହାର ବେସିକ ପେ ବା ମୂଳ ବେତନ ପ୍ରାୟ ୮୦,୯୫୦ ଟଙ୍କା। ଆରବିଆଇର କର୍ମଚାରୀଙ୍କ ମାସିକ ଦରମା ଡକ୍ୟୁମେଣ୍ଟରେ ଇଶାନ କିଶନଙ୍କ ନାଁ ୬୬୫୧ ଭାବେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ମହଙ୍ଗା ଭତ୍ତା, ଘରଭଡ଼ା ଭତ୍ତା, ଚିକିତ୍ସା ସୁବିଧା ଓ ଅନ୍ୟାନ୍ୟ ଚାକିରିଜନିତ ସୁବିଧା ମଧ୍ୟ ପାଇଥାନ୍ତି। ତେବେ ଆରବିଆଇ ଚାକିରି କରି ଇଶାନ କିଶନ ଇନହ୍ୟାଣ୍ଡେ କେତେ ଦରମା ପାଉଛନ୍ତି ବ୍ୟାଙ୍କ ତାହା ସାର୍ବଜନୀନ କରି ନାହିଁ।

## ବ୍ୟାଙ୍କିଙ୍ଗ କେବଳ ଦାୟିତ୍ୱ

ଆରବିଆଇରେ ପଦବୀ ଥିଲେ ମଧ୍ୟ ଇଶାନ କିଶନ ନିଜର ପେସାଦାର କ୍ରିକେଟ ଜୀବନ ଜାରି ରଖିଛନ୍ତି। ୨୮ ବର୍ଷୀୟ ଏହି ୱିକେଟକିପର-ବ୍ୟାଟର ବର୍ତ୍ତମାନ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରାଥମିକତା ଦେଉଥିବା ବେଳେ, ସୁଯୋଗ ମିଳିଲେ ଆରବିଆଇ ଦାୟିତ୍ୱ ମଧ୍ୟ ପାଳନ କରୁଛନ୍ତି। ତେବେ ବର୍ତ୍ତମାନ ଆରବିଆଇ ଆଇକାର୍ଡ ପକାଇ କିଛି କର୍ମଚାରୀଙ୍କ ସହ ଇଶାନଙ୍କର ଫଟୋ ଭାଇରାଲ ହେବା ପରେ ପୁଣିଥରେ ଏ ନେଇ ଚର୍ଚ୍ଚା ଜୋର ଧରିଛି। କେବଳ ଇଶାନ କିଶନ ନୁହନ୍ତି, ଦେଶର ଅନେକ ପ୍ରମୁଖ କ୍ରୀଡ଼ାବିତ୍ ସରକାରୀ କିମ୍ବା ପବ୍ଲିକ ସେକ୍ଟର ସଂସ୍ଥାରେ ଚାକିରି କରିବା ସହ ନିଜର କ୍ରୀଡ଼ାଜୀବନ ମଧ୍ୟ ସଫଳତାର ସହ ଜାରି ରଖିଛନ୍ତି।

## କ୍ରିକେଟର ଓ ସରକାରୀ ଚାକିରି

**ମହେନ୍ଦ୍ର ସିଂହ ଧୋନି:** ଭାରତୀୟ ଟେରିଟୋରିଆଲ ଆର୍ମିରେ ସମ୍ମାନସୂଚକ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀ ପାଇଛନ୍ତି। ୨୦୧୧ରେ ଏହି ସମ୍ମାନ ତାଙ୍କୁ ମିଳିଥିଲା। ପରେ ସେ ଜମ୍ମୁ-କାଶ୍ମୀରରେ ସେନା ସହ ଟ୍ରେନିଂ ମଧ୍ୟ ନେଇଥିଲେ।

**କପିଲ ଦେବ:** ୧୯୮୩ ବିଶ୍ୱକପ୍ ବିଜୟୀ ଅଧିନାୟକଙ୍କୁ ମଧ୍ୟ ଟେରିଟୋରିଆଲ ଆର୍ମି ପକ୍ଷରୁ ସମ୍ମାନସୂଚକ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀ ପ୍ରଦାନ କରାଯାଇଛି।

**ସଚିନ ତେନ୍ଦୁଲକର:** ଭାରତୀୟ ବାୟୁସେନା ସଚିନଙ୍କୁ ଗ୍ରୁପ୍ କ୍ୟାପ୍ଟେନର ସମ୍ମାନସୂଚକ ପଦବୀ ପ୍ରଦାନ କରିଛି। ଏହି ସମ୍ମାନ ପାଇଥିବା ସେ ପ୍ରଥମ କ୍ରିକେଟର।

**କେଏଲ୍ ରାହୁଲ:** ୨୦୧୮ରେ ସ୍ପୋର୍ଟ୍ସ କୋଟା ଅଧୀନରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ ନିଯୁକ୍ତି ପାଇଥିଲେ।

**ଇଶାନ କିଶନ:** ୨୦୧୭ରୁ ଆସିଷ୍ଟାଣ୍ଟ ମ୍ୟାନେଜର ପଦରେ କାର୍ଯ୍ୟରତ। ସମ୍ପ୍ରତି ତାଙ୍କର ଆରବିଆଇ ପରିଚୟ ପତ୍ର ଭାଇରାଲ ହେବା ପରେ ଏହି ଚାକିରିକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି।

**ଉମେଶ ଯାଦବ:** ଭାରତୀୟ ଦ୍ରୁତ ବୋଲର ଉମେଶ ମଧ୍ୟ ସ୍ପୋର୍ଟ୍ସ କୋଟା ମାଧ୍ୟମରେ ଆସିଷ୍ଟାଣ୍ଟ ମ୍ୟାନେଜର ନିଯୁକ୍ତି ପାଇଛନ୍ତି।

**ଯୁଜବେନ୍ଦ୍ର ଚହଲ:** ସେ ଆୟକର ବିଭାଗରେ ଇନକମ ଟ୍ୟାକ୍ସ ଇନ୍ସପେକ୍ଟର ଚାକିରି କରୁଛନ୍ତି। କ୍ରିକେଟ ସହ ସରକାରୀ ଦାୟିତ୍ୱ ମଧ୍ୟ ପାଳନ କରୁଛନ୍ତି।

**ମହମ୍ମଦ ସିରାଜ:** ତେଲଙ୍ଗାନା ସରକାର ତାଙ୍କୁ ସରକାରୀ ଚାକିରି ପ୍ରଦାନ କରି ସମ୍ମାନିତ କରିଛନ୍ତି।

**ହରମନପ୍ରୀତ କୌର ଓ ହରଭଜନ ସିଂହ:** ଡିଏସପି ପଞ୍ଜାବ ପୁଲିସ

**ରିଙ୍କୁ ସିଂହ:** ସାର୍ବଜନୀନ କ୍ଷେତ୍ର/ସରକାରୀ ପ୍ରଶାସନରେ ବରିଷ୍ଠ କାର୍ଯ୍ୟନିର୍ବାହୀ/ଅଧିକାରୀ ଭୂମିକା (ରାଜ୍ୟ ସ୍ୱୀକୃତି)।



# ସାଇଙ୍କୁ ଅପେକ୍ଷା



**ନିଜର ସୌନ୍ଦର୍ଯ୍ୟ ପାଇଁ ସବୁବେଳେ ଚର୍ଚ୍ଚିତ ଥିବା ସାଇ ପଲ୍ଲବୀ ବର୍ତ୍ତମାନ ନିଜର ଆଗାମୀ ସିନେମାକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି । ଖୁବଶୀଘ୍ର ତାଙ୍କୁ ବଲିଉଡର ମେଗା ପ୍ରୋଜେକ୍ଟ ରାମାୟଣରେ ଦେଖିବାକୁ ମିଳିବ, ଯେଉଁଥିରେ ସେ ମାଆ ସୀତାଙ୍କ ଚରିତ୍ରରେ ନଜର ଆସିବେ ।**

ନିର୍ଦ୍ଦେଶକ ନୀତେଶ ତିୱାରୀଙ୍କ ବହୁପ୍ରତୀକ୍ଷିତ ଏବଂ ମେଗା ବଜେଟ୍ ଚଳଚ୍ଚିତ୍ର 'ରାମାୟଣ'ରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁରଙ୍କ ସହ ମା' ସୀତାଙ୍କ ଚରିତ୍ରରେ ସାଇ ପଲ୍ଲବୀ ନଜର ଆସିବେ । ତେବେ ଏହି ପ୍ରୋଜେକ୍ଟଟି ତାଙ୍କ ବୃତ୍ତିଗତ ଜୀବନରେ ଅନ୍ୟତମ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଲୋଚନା ଜାରି ରହିଛି । ୧୯ ୯୨ ମସିହା ମେ ୯ ତାରିଖରେ ତାମିଲନାଡୁର କୋଟାଗିରିରେ ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସାଇ ପଲ୍ଲବୀ ସେନ୍ତାମରାଇଙ୍କ ଜୀବନ କାହାଣୀ ଖୁବ ରୋମାଞ୍ଚକର । ବୃତ୍ତିରେ ଜଣେ ଡାକ୍ତର ହୋଇଥିବା ସାଇଙ୍କର ଶୈଶବରୁ ନୃତ୍ୟ ପ୍ରତି ଗଭୀର ଦୁର୍ବଳତା ଥିଲା । ତେବେ ସେ କୌଣସି ପ୍ରାତିଷ୍ଠାନିକ ନୃତ୍ୟ ତାଲିମ ନେଇନଥିଲେ, କେବଳ ମା'ଙ୍କ ପ୍ରେରଣା ଏବଂ ନିଜର ଆଗ୍ରହ ବଳରେ ସେ ୨୦୦୮ ରେ ନୃତ୍ୟ ରିଆଲିଟି ସୋ 'ଉଙ୍ଗଲିଲ ପ୍ରଭୁଦେବା' ଏବଂ 'ଡାନ୍ସ ଇଣ୍ଡିଆ ଡାନ୍ସ' ମାଧ୍ୟମରେ ନିଜର ଯାତ୍ରା ଆରମ୍ଭ କରିଥିଲେ । ତେବେ ଚଳଚ୍ଚିତ୍ର ଜଗତରେ ନିଜର ସ୍ଥାନ ପକ୍କା କରିବା ସାଇଙ୍କ ପାଇଁ ଆଦୌ ସହଜ ନଥିଲା । ସାଇଙ୍କର ଆଉ ଏକ ପରିଚୟ ହେଲା ତାଙ୍କ ସୌନ୍ଦର୍ଯ୍ୟ । ସେ ସବୁବେଳେ ପ୍ରାକୃତିକ ଲୁକ ଯାହା ( ବିନା ମେକଅପ ) ରେ ନଜର ଆସିଥାଆନ୍ତି । ଗ୍ଲାମର, ମେକଅପ୍, ଏବଂ ବାହ୍ୟ ଚେହେରାକୁ ପ୍ରାଧାନ୍ୟ ଦେଉଥିବା ଆଜିର ଗ୍ଲାମରସ ଦୁନିଆରେ ନିଜର ପ୍ରାକୃତିକ ଚେହେରା, ମୁହଁର ବ୍ରଣ ଏବଂ ସାଧାରଣ ପୋଷାକକୁ ନେଇ ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ବହୁ ଆକ୍ଷେପ ଓ ସଂଘର୍ଷର ସାମ୍ନା କରିଥିଲେ । ସମସ୍ତ ପ୍ରତିକୂଳତାକୁ ଏଡ଼ାଇ ୨୦୧୫ ମସିହାରେ ମାଲାୟାଲମ୍ ସିନେମା 'ପ୍ରେମମ୍'ରେ 'ମଲାର୍' ଚରିତ୍ର ମାଧ୍ୟମରେ ସେ ଯେଉଁ ଜୀବନ୍ତ ଅଭିନୟର ଯାଦୁ ଦେଖାଇଥିଲେ, ତାହା ରାତିରାତି ତାଙ୍କୁ ଷ୍ଟାର ବନେଇଥିଲା । ଏହା ତାଙ୍କୁ ସାରା ଦେଶରେ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇ ଦେଇଥିଲା । ଏହାପରେ 'ଫିଦା', 'ଗାର୍ଗୀ', 'ଶ୍ୟାମ ସିଂହା ରୋୟ' ଏବଂ 'ଲଭ୍ ଷ୍ଟୋରୀ' ଭଳି ସୁପରହିଟ୍ ଚଳଚ୍ଚିତ୍ରରେ ନିଜର ଜୀବନ୍ତ ଅଭିନୟ ଏବଂ 'ରାଉଡି ବେବି' ଗୀତରେ ନିଜର ନୃତ୍ୟଶୈଳୀ ଦ୍ୱାରା ସେ ସମଗ୍ର ଭାରତୀୟ ଦର୍ଶକଙ୍କ ହୃଦୟ ଜିତିପାରିଥିଲେ । କେବଳ ସଫଳତା ନୁହେଁ, ନିଜର ନୋ ଗ୍ଲାମର କମିଟମେଣ୍ଟ ପାଇଁ ସେ ସଦାସର୍ବଦା ଜଣାଶୁଣା । କୋଟି କୋଟି ଟଙ୍କାର ସୌନ୍ଦର୍ଯ୍ୟ ବର୍ଦ୍ଧକ କ୍ରିମ୍ ବିଜ୍ଞାପନକୁ ପ୍ରତ୍ୟାଖ୍ୟାନ କରି ସେ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ଥିବା ବିଶ୍ୱାସର ପରିଚୟ ଦେଇଛନ୍ତି । ଚର୍ମର ରଙ୍ଗ କିମ୍ବା ମେକଅପ୍ ନୁହେଁ, ବରଂ ଜୀବନ୍ତ ଅଭିନୟ ଓ ଦୃଢ଼ ବ୍ୟକ୍ତିତ୍ୱ ହିଁ ଜଣେ କଳାକାରଙ୍କ ପ୍ରକୃତ ପରିଚୟ ଏହାକୁ ସେ ପ୍ରମାଣିତ କରିଛନ୍ତି । ତେଣୁ ଆଗକୁ ତାଙ୍କୁ ସୀତା ଭୂମିକାରେ ଦେଖିବାକୁ ଦର୍ଶକ ଅପେକ୍ଷା କରି ରହିଛନ୍ତି ।